## ସଂକ୍ଷେପରେ

### ପଥର ବୋଝେଇ ଡମ୍ପର ଜବତ

**ନୀଳଗିରି, ୨୮।୧୨(ଡି.ଏନ.ଏ.):** ନୀଳଗିରି ସହର ଉପକଣ୍ଠ ବାଇପାସ୍ ଛକରେ ଶୁକ୍ରବାର ସହକାରୀ ଜିଲାପାଳ ରାକେଶ କୁମାର ପଣ୍ଡା ଚଢ଼ାଉ କରି ଚୋରାରେ ଚାଲାଣ ହେଉଥିବା ପଥର ବୋଝେଇ ଡମ୍ପର (ନଂ.ଓଆର୧୬-ଡି ୪୪୨୨) ଜବତ କରିଛନ୍ତି। ଅପରାହ୍ନରେ ସହକାରୀ ଜିଲାପାଳ ପଣ୍ଡା ସରପ୍ରାଇଜିଂ ଚେକିଂରେ ବାହାରିଥିଲେ। ବାଇପାସ୍ ନିକଟରେ ଲଘୁ ଖଣିଜ ଦ୍ରବ୍ୟ ବୋଝେଇ କରିଯାଉଥିବା ଗାଡ଼ିର ପରମିଟ ଯାଞ୍ଚ କରୁଥିବା ବେଳେ ବିନା ପରମିଟ୍‌ରେ ପଥର ବୋଝେଇ ଡମ୍ପର ଜବତ କରି ପୋଲିସରେ ଜିମା ଦେଇଛନ୍ତି। ଖବର ଲେଖିବା ବେଳକୁ ଜରିମାନା ଧାର୍ଯ୍ୟ ହୋଇ ନ ଥିବା ସହକାରୀ ଜିଲାପାଳ କହିଛନ୍ତି।

### ମହିଳାଙ୍କୁ କମେଣ୍ଟ ମାରି ଯୁବକ ଗିରଫ

**ବାଲେଶ୍ୱର ଅଫିସ, ୨୮।୧୨:** ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଶୁକ୍ରବାର ପୂର୍ବାହ୍ନରେ କର୍ମଜୀବୀ ମହିଳାଙ୍କୁ ଜଣେ ଯୁବକ କମେଣ୍ଟ ମାରିବା ଫଳରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଫାଣ୍ଡି ପୋଲିସ ପହଞ୍ଚି ମହିଳାଙ୍କ ଅଭିଯୋଗକୁ ଭିତ୍ତି କରି ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଜଳେଶ୍ୱର ବ୍ଲକ ଜଳକାପଡ଼ିଆ ଗ୍ରାମର ସୁଚିତ୍ର କୁମାର ପ୍ରଧାନ ଦୀର୍ଘଦିନ ଧରି ଜଣେ ମହିଳାଙ୍କୁ ଅନେକ ସମୟରେ ମୋବାଇଲ୍ ଯୋଗେ ଅଶ୍ଳୀଳ ମେସେଜ୍, ଫଟୋ ପଠାଇବା ସହ ତା'ର ସ୍ୱାମୀ ଓ ପିଲାଙ୍କୁ ଜୀବନରୁ ମାରିଦେବା, ରାସ୍ତାଘାଟରେ ଅଟକାଇ ଦୁର୍ବ୍ୟବହାର କରିବା ଭଳି ଆଚରଣ ପ୍ରଦର୍ଶନ କରୁଥିଲେ। ପୂର୍ବରୁ ମହିଳାଜଣକ ଅଭିଯୋଗକୁ ଭିତ୍ତି କରି ଟାଉନ୍ ଥାନାରେ ଯୁବକଙ୍କୁ ଅଟକ ରଖାଯାଇଥିଲା। ପରିବାର ଲୋକେ ପହଞ୍ଚିବା ପରେ ତାଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରାଯାଇ ମହିଳାଙ୍କୁ ହଇରାଣ ହରକତ ନ କରିବା ପାଇଁ ତାଗିଦ୍ କରାଯାଇଥିଲା। ଏହାସତ୍ତ୍ୱେ ମହିଳା ଜଣକ ଶୁକ୍ରବାର ପୂର୍ବାହ୍ନରେ ଜିଲା ଚିକିତ୍ସାଳୟକୁ କୌଣସି କାମକୁ ଯାଇଥିବା ବେଳେ ଯୁବକ ଜଣକ ତାଙ୍କୁ ଜନଗହଳିପୂର୍ଣ୍ଣ ସ୍ଥାନରେ କମେଣ୍ଟ ମାରିଥିଲେ। ଏଥିରେ ମହିଳାଜଣକ ତାଙ୍କୁ ସତର୍କ କରାଇବା ପରେ ମଧ ସେ ଏଥିରୁ ନିବୃତ୍ତ ହୋଇ ନ ଥିଲେ। ସେଠାରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବାରୁ ଜିଲା ମୁଖ୍ୟଚିକିତ୍ସାଳୟ ଫାଣ୍ଡି ପୋଲିସ ପହଞ୍ଚି ହସ୍ତକ୍ଷେପ କରିଥିଲା। ମହିଳାଙ୍କ ଅଭିଯୋଗକୁ ଭିତ୍ତି କରି ଟାଉନ୍ ଥାନାରେ ମାମଲା (ନଂ. ୩୦୯/୧୮) ରୁଜୁ କରାଯାଇ ଯୁବକଙ୍କୁ କୋର୍ଟଚାଲାଣ କରାଯାଇଥିବା ଟାଉନ୍ ଥାନା ଆଇଆଇସି ସରୋଜିନୀ ନାୟକ ପ୍ରକାଶ କରିଛନ୍ତି।

### ଲୁଟେରାଙ୍କୁ ପୋଲିସ ଜିମା

**ବସ୍ତା, ୨୮।୧୨(ସ୍ୱ.ପ୍ର.):** ଦିନକୁ ଦିନ ଟ୍ରେନ୍ ଓ ପ୍ଲାଟଫର୍ମରେ ଲୁଟ୍ ଘଟଣା ଏବେ ରେଳବାଇ ପୋଲିସ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। ଶୁକ୍ରବାର ବସ୍ତା ରେଳଷ୍ଟେଶନରେ ଜଣକର ଲୁଟେରା ଲୁଟ୍ କରି ପଳାଇଯାଉଥିବା ବେଳେ ଲୋକେ ତାଙ୍କୁ କାବୁ କରି ରେଳବାଇ ପୋଲିସକୁ ହସ୍ତାନ୍ତର କରିଛନ୍ତି। ଖୋର୍ଦ୍ଧା ଅଞ୍ଚଳର ରାକେଶ ମାଝି ନାମକ ଯୁବକ ହାୱଡ଼ା-ପୁରୀ ଧଉଳୀ ଏକ୍ସପ୍ରେସରେ ଯିବା ପାଇଁ ବସ୍ତାରୁ ଚଢ଼ିଥିଲେ। ଟ୍ରେନ୍ ଛାଡ଼ିବା ସମୟରେ ଜଣେ ଲୁଟେରା ତାଙ୍କ ହାତରୁ ଏକ ଦାମିକା ମୋବାଇଲ ଝାମ୍ପିନେଇ ଟ୍ରେନ୍‌ରୁ ଡିଆଁ ମାରି ଦୌଡ଼ିଥିଲେ। ରାକେଶ ପାଟି କରିବାରୁ ଷ୍ଟେଶନରେ ଥିବା ଅନ୍ୟ ଲୋକମାନେ ତାଙ୍କୁ କାବୁ କରି ନେଇଥିଲେ। ଧରାପଡ଼ି ଯିବା ପରେ ଲୁଟେରା ମୋବାଇଲ୍‌କୁ ଫୋପାଡ଼ି ଦେଇଥିଲେ। ଲୋକେ ତାଙ୍କୁ ଅଟକ ରଖି ରେଳବାଇ ପୋଲିସକୁ ହସ୍ତାନ୍ତର କରିଥିଲେ। ଲୁଟେରାଙ୍କ ଘର ଖଡ଼ଗପୁର ଅଞ୍ଚଳରେ ବୋଲି ସେ କହିଛନ୍ତି। ସେହିପରି ବସ୍ତା ଥାନା ତଳତାପଣ୍ଡା ଗ୍ରାମର ବରେନ୍ଦ୍ର ପ୍ରଧାନ ଗୁରୁବାର ବାଲେଶ୍ୱର-ଖଡ଼ଗପୁର ଲୋକାଲ ଟ୍ରେନ୍‌ରେ ବାଲେଶ୍ୱରରୁ ଆସିବା ପାଇଁ ବାଲେଶ୍ୱର ରେଳଷ୍ଟେଶନରେ ଟିକେଟ କାଉଣ୍ଟରରେ ଲାଇନ୍‌ରେ ଥିଲେ। ଟିକେଟ କାଟିବା ବେଳେ ତାଙ୍କ ବ୍ୟସ୍ତତା ଭିତରେ ତାଙ୍କ ପଛରେ ଥିବା ଜଣେ ଲୁଟେରା ତାଙ୍କ ମୋବାଇଲକୁ ନେଇ ତା' ପଛରେ ଥିବା ଅନ୍ୟ ଜଣେ ଲୁଟେରାଙ୍କୁ ଦେଇଥିଲେ। ଅନ୍ୟ ଲୁଟେରା ଜଣକ ତୁରନ୍ତ ସେଠାରୁ ପଳାଇ ଯାଇଥିଲେ। ଏନେଇ ସେ ବାଲେଶ୍ୱର ରେଳବାଇ ଥାନାରେ ଅଭିଯୋଗ କରିଛନ୍ତି।

## ନଗର ପରିମଳ ଟାସ୍କ ଫୋର୍ସ ବୈଠକ

# ଆବର୍ଜନାମୁକ୍ତ ସହର ଗଠନ ଲାଗି ପ୍ରୟାସ

**ବାଲେଶ୍ୱର ଅଫିସ, ୨୮।୧୨**

ବାଲେଶ୍ୱର ଜିଲାପାଳଙ୍କ ଅଫିସ୍ ପରିସରରେ ଶୁକ୍ରବାର ନଗର ପରିମଳ ଟାସ୍କ ଫୋର୍ସର ତୃତୀୟ ବୈଠକ ଜିଲାପାଳ ରମେଶ ଚନ୍ଦ୍ର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପରିମଳ ପରାମର୍ଶଦାତ୍ରୀ ଆଲିଶା ପଟ୍ଟନାୟକ, ରାଜ୍ୟ ପ୍ରଦୂଷଣ ବୋର୍ଡ଼ର ସହକାରୀ ପରିବେଶ ଯନ୍ତ୍ରୀ ସନ୍ଧ୍ୟାରାଣୀ ମାରାଣ୍ଡି ଯୋଗଦେଇ ସହରରେ ଥିବା ସମସ୍ତ ହାଇବ୍ରିଡ୍ ଟଏଲେଟ୍, ବ୍ୟକ୍ତିଗତ ପାଇଖାନା ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। ସହରକୁ ଆବର୍ଜନା ମୁକ୍ତ କରିବା ଏବଂ ଖୋଲା ମଳ ତ୍ୟାଗ ଉପରେ କଠୋର ପଦକ୍ଷେପ ଗ୍ରହଣ କରିବା ପାଇଁ କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ପୌରପାଳିକା ନିର୍ବାହୀ ଅଧିକାରୀ କାହ୍ନୁ ଚରଣ ମଲ୍ଲିକ ସହରରେ ନିର୍ମାଣ ହେବାକୁ ଥିବା ୩୭ଟି ହାଇବ୍ରିଡ୍ ଟଏଲେଟ ମଧ୍ୟରୁ ୨୭ଟି ନିର୍ମାଣ ସରିଛି। ସେହିପରି ବ୍ୟକ୍ତିଗତ ପାଇଖାନା ନିର୍ମାଣରେ ୩୪୭୯ ମଧ୍ୟରୁ ୧୨୧୭ଟି ନିର୍ମାଣ ହୋଇଥିବା ରିପୋର୍ଟ ପ୍ରଦାନ କରିଥିଲେ। ହେଲେ କେତେକ ଶୌଚାଳୟରେ ପାଣି ଅଭାବରୁ ଲୋକମାନେ ବ୍ୟବହାର ନ କରିବା ପ୍ରସଙ୍ଗ ପରିମଳ ନିରୀକ୍ଷକମାନେ ଉଠାଇଥିଲେ। ବାଲେଶ୍ୱର ସହର ପାଇଁ ବ୍ୟବହୃତ ହେଉଥିବା ସେସପୁଲ ଯାନର କାର୍ଯ୍ୟକାରିତା ଉପରେ ଆଲୋଚନା କରାଯାଇଥିଲା। ସହରର ସଙ୍କୀର୍ଣ୍ଣ ରାସ୍ତାଘାଟ ସକାଶେ ଗଳିକନ୍ଦିରେ ଯାନ ଯିବା ସମ୍ଭବପର ନ ଥିବା ହେତୁ ଅଧିକ ଲମ୍ବା ପାଇପ ସଂଯୋଗ କରାଯିବା ଏବଂ କେତୋଟି ଛୋଟ ଯାନ କ୍ରୟ କରିବା ଉପରେ ମତ ପୋଷଣ କରାଯାଇଥିଲା। ଏ ସମ୍ପର୍କରେ ସହରବାସୀଙ୍କୁ ଜଣାଇବା ନିମନ୍ତେ ସୋସିଆଲ ମିଡ଼ିଆର ସାହାଯ୍ୟ ନେବାକୁ ପ୍ରସ୍ତାବ ଦିଆଯାଇଛି। କଠିନ ବର୍ଜ୍ୟବସ୍ତୁ ଓ ତରଳ ବର୍ଜ୍ୟବସ୍ତୁର ଦକ୍ଷ ପରିଚାଳନା କରାଯାଇ ସହରକୁ ଆବର୍ଜନାମୁକ୍ତ ଦିଗରେ ପ୍ରୟାସ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। କେତେକ ଆବର୍ଜନାପ୍ରବଣ ସ୍ଥାନରେ କ୍ଲଷ୍ଟର ପାଇଖାନା ନିର୍ମାଣ କରାଯିବାକୁ ସଦସ୍ୟମାନେ ମତ ରଖିଥିଲେ। ପ୍ରତ୍ୟେକ ୱାର୍ଡ଼ରେ ସାନିଟେଶନ କମିଟି ଗଠନ କରାଯାଇ ତାଙ୍କ ଦ୍ୱାରା ସ୍ଥାନୀୟ ସମସ୍ୟା ଓ ଆବଶ୍ୟକତା ଆକଳନ କରାଯିବ। ସହରର ପାଇଖାନା ବ୍ୟବହାରକାରୀ କେତେକ ସ୍ଥାନରେ ବର୍ଜ୍ୟ ତରଳ ବସ୍ତୁକୁ ଖୋଲା ନର୍ଦ୍ଦମାରେ ଛାଡୁଥିବା ଖୋଲା ମଳତ୍ୟାଗ ସହ ସମାନ ଓ କ୍ଷତିକାରକ ହୋଇଥାଏ। ସେସବୁ ବନ୍ଦ କରିବାକୁ ପଦକ୍ଷେପ ସ୍ୱରୂପ ଅର୍ଥଦଣ୍ଡର ପ୍ରାବଧାନ କରିବାକୁ ମତ ରଖାଯାଇଥିଲା। ଯେଉଁଠି ପାଇଖାନା ନାହିଁ ସେ ସ୍ଥାନରେ ଲୋକେ ପାଇଖାନା ନିର୍ମାଣ ପାଇଁ ସରକାରୀ ଆର୍ଥିକ ପ୍ରୋତ୍ସାହନ ରାଶି କମ୍ ଥିବାରୁ ଇଚ୍ଛା ପ୍ରକାଶ କରୁ ନ ଥିବା ଉପରେ ଆଲୋଚନା ହୋଇଥିଲା।

**ଗଠନ ହେବ 'ୱାର୍ଡ଼ ସାନିଟେଶନ କମିଟି'**



ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

## ଆଜି ଆସୁଛନ୍ତି କେନ୍ଦ୍ରମନ୍ତ୍ରୀ: ପ୍ରସ୍ତୁତି ଜୋରଦାର୍, ବରହମ୍ପୁର ଚଳଚଞ୍ଚଳ

**ସଜନାଗଡ଼, ୨୮।୧୨(ଡି.ଏନ.ଏ.)**

କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ବାଲେଶ୍ୱର ଜିଲା ନୀଳଗିରି ଗସ୍ତରେ ଆସୁଛନ୍ତି। ମନ୍ତ୍ରୀ ପ୍ରଧାନ ବରହମ୍ପୁର ଥାନା ପାଖ ମିନିଷ୍ଟାଡ଼ିୟମ୍ ପରିସରରେ ଶନିବାର ପୂର୍ବାହ୍ନ ୧୧ଟାରେ ହେଲିକପ୍ଟରରୁ ଅବତରଣ କରିବେ। ସେ ପ୍ରଥମେ ସ୍ୱପ୍ନେଶ୍ୱର ମନ୍ଦିର ଦର୍ଶନ କରିବା ପରେ ହଜାର ହଜାର କର୍ମୀଙ୍କ ଗହଣରେ ଜନପରାମର୍ଶ ପଦଯାତ୍ରାରେ ବରହମ୍ପୁର ପରିକ୍ରମା କରି ସଭାସ୍ଥଳକୁ ଯିବେ। ଏଥିରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ନୀଳଗିରି ପୂର୍ବତନ ବିଧାୟକ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ଭାଜପା ଜିଲା ସଭାପତି ମଦନ ମୋହନ ଦତ୍ତ, ରାଜ୍ୟ ସମ୍ପାଦିକା ଲେଖାଶ୍ରୀ ସାମନ୍ତ ସିଂହାର, ମହିଳା ମୋର୍ଚ୍ଚାର ଉପସଭାପତି ସୁଷମା ବିଶ୍ୱାଳ, ଯୁବମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଚନ୍ଦ୍ରଶେଖର ଦେ ପ୍ରମୁଖ ଉପସ୍ଥିତ ରହିବାର ସୂଚନା ମିଳିଛି। ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ମଣ୍ଡଳ ମୁଖ୍ୟ ଦିଲୀପ ବେହେରା, କମଳା ମହାକୁଡ଼, ଲକ୍ଷ୍ମୀଧର ବେହେରା, କରୁଣାକର ପଣ୍ଡା, ତାପସ କୁମାର ମହାନ୍ତି ଓ ଅଭୟ ମିଶ୍ର ପ୍ରମୁଖଙ୍କ ନେତୃତ୍ୱରେ ଜୋରଦାର ପ୍ରସ୍ତୁତି ଚାଲିଛି।

## 'ଚନ୍ଦ୍ରଭାଗା' ମହୋତ୍ସବ, ବାଲେଶ୍ୱର ବହିମେଳା ଉଦ୍‌ଘାଟିତ

# ସାହିତ୍ୟ, ସଂସ୍କୃତିର ପ୍ରାଣକେନ୍ଦ୍ର ବାଲେଶ୍ୱର

**ବାଲେଶ୍ୱର ଅଫିସ, ୨୮।୧୨**

ବାଲେଶ୍ୱର ଗାନ୍ଧି ସ୍ମୃତି ଭବନ ପରିସରରେ ଶୁକ୍ରବାର ସନ୍ଧ୍ୟାରେ 'ଚନ୍ଦ୍ରଭାଗା'ର ୨୯ତମ ମହୋତ୍ସବ ଓ ୨୪ତମ ବାଲେଶ୍ୱର ବହିମେଳା ପଦ୍ମଶ୍ରୀ ତୁଳସୀ ମୁଣ୍ଡାଙ୍କ ଦ୍ୱାରା ଉଦଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ କିସ୍‌ର କୁଳପତି ହରେକୃଷ୍ଣ ଶତପଥି ଯୋଗଦେଇ ବାଲେଶ୍ୱର ସାହିତ୍ୟ ଓ ସଂସ୍କୃତିର ପ୍ରାଣକେନ୍ଦ୍ର ପ୍ରକାଶ କରିବା ସହ ପରମ୍ପରା, ଐତିହ୍ୟ, ସ୍ୱାଧୀନତା ଦୃଷ୍ଟିକୋଣରୁ ଦେଖିଲେ ଅବଦାନ ଅତୁଳନୀୟ। ସେହିପରି ଅର୍ଥନୈତିକ, ଶାନ୍ତି ଓ ସଦ୍‌ଭାବନା ଦୃଷ୍ଟିରୁ ବାଲେଶ୍ୱରର ସ୍ଥାନ ଅନନ୍ୟ। କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, ବିଶିଷ୍ଟ କଥାକାର ଫକୀରମୋହନ ସେନାପତିଙ୍କୁ ମନେ ପକାଇ ସେମାନଙ୍କର କୃତିତ୍ୱ ସମ୍ପର୍କରେ ବଖାଣିଥିଲେ। ଅନ୍ୟପକ୍ଷରେ ପୁସ୍ତକ ମେଳା, ରାଜ୍ୟସ୍ତରୀୟ ନାଟକ ପ୍ରତିଯୋଗିତା ଏବଂ 'ଚନ୍ଦ୍ରଭାଗା' ଭଳି ୩ଟି ଉତ୍ସବର ସମ୍ମିଳନୀକୁ ଗଙ୍ଗା-ଯମୁନା-ସରସ୍ୱତୀର ମିଳନ ତ୍ରିବେଣୀ ସଙ୍ଗମ ସହ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନକୁ ତୁଳନା କରିଥିଲେ।

'ଚନ୍ଦ୍ରଭାଗା'ର ବରିଷ୍ଠ ଉପଦେଷ୍ଟା ତଥା ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା ବୈଠକରେ ସଭାପତିତ୍ୱ କରିଥିଲେ। ଅନୁଷ୍ଠାନର ସ୍ରଷ୍ଟା କବି ଶ୍ରୀଦେବ ପରିଚାଳନା କରିଥିଲେ। ପୂର୍ବତନ ବିଧାୟକ ଅରୁଣ ଦେ, ଡ. ସୁବାଶ ଚନ୍ଦ୍ର ପାତ୍ର ପ୍ରମୁଖ ଅତିଥି ଥିଲେ। ଏହି ଅବସରରେ ସୁବାସିନୀ ଜୀଙ୍କର 'ପ୍ରତିଧ୍ୱନିର ମୁଖଶାଳା' ଏବଂ 'ତୃତୀୟ ଶ୍ରୀକ୍ଷେତ୍ର ଓ ମୋ ଜଣାଣ' ପୁସ୍ତକ ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମ ଉଦଘାଟନ ପୂର୍ବରୁ 'ଚନ୍ଦ୍ରଭାଗା' କମିଟିର ଅନ୍ୟ ଏକ ସହଯୋଗୀ ଅନୁଷ୍ଠାନ 'ନାଚ୍' ଡ୍ୟାନ୍ସ ଗ୍ରୁପ୍‌ର ମୁଖ୍ୟ ରୋନାଲିସା ପଣ୍ଡାଙ୍କ ତତ୍ତ୍ୱାବଧାନରେ ସ୍କୁଲ ଛାତ୍ରୀଛାତ୍ରଙ୍କ ମଧ୍ୟରେ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରେ ରାଜ୍ୟସ୍ତରୀୟ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅରୁଣାଂଶୁ ପାଣିଗ୍ରାହୀ, ଜ୍ୟୋତିର୍ମୟୀ ଶତପଥୀ, ଦେବେନ୍ଦ୍ର ପୃଷ୍ଟି, ବିରଜା ପ୍ରସାଦ ନାୟକ ଓ ପୁରୁଷୋତ୍ତମ ଜେନା ପ୍ରମୁଖ ସହଯୋଗ କରିଥିଲେ।



'ଚନ୍ଦ୍ରଭାଗା' ମହୋତ୍ସବ ଓ ବାଲେଶ୍ୱର ବହିମେଳାକୁ ପଦ୍ମଶ୍ରୀ ତୁଳସୀ ମୁଣ୍ଡା ଉଦ୍‌ଘାଟନ କରୁଛନ୍ତି।

## ନାବାଳିକା ଅପହରଣ ମାମଲା: ୧୦ ମାସ ପରେ ଅଭିଯୁକ୍ତ ଗିରଫ

**ରୂପ୍‌ସା, ୨୮।୧୨(ଡି.ଏନ.ଏ.):** ଜଣେ ନାବାଳିକାଙ୍କୁ ଅପହରଣ ମାମଲାରେ ଶୁକ୍ରବାର ବସ୍ତା ଥାନା ପୋଲିସ ୧୦ ମାସ ପରେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଉଛନ୍ତି ହିତେଶ୍ୱର ଦାସ। ତାଙ୍କ ଘର ବାଲେଶ୍ୱର ସଦର ବ୍ଲକ ଶିଳଦା ଗ୍ରାମରେ। ହିତେଶ୍ୱର ଜଣେ ନାବାଳିକାଙ୍କୁ ଅପହରଣ କରିଥିବା ନେଇ ଗତ ମାର୍ଚ୍ଚରେ ଥାନାରେ ଏକ ମାମଲା (ନଂ.୭୦/୧୮) ରୁଜୁ ହୋଇଥିଲା। ୧୦ମାସ ହେଲା ଅପହରଣକାରୀ ଫେରାର ଥିଲେ। ଏବେ ଅଭିଯୁକ୍ତ ଘରେ ଥିବା ଖବରପାଇ ତଦନ୍ତ ଅଧିକାରୀ ଏସ୍‌ଆଇ ବିନ୍ଦୁ ରାଉତ ସଦଳବଳ ଚଢ଼ାଉ କରି ଗିରଫ କରିବାରେ ସମର୍ଥ ହୋଇଛନ୍ତି।

# ଔପଦା ପଞ୍ଚାୟତ ସମିତି ବୈଠକ

- ପଲ୍ଲିସଭାରେ ଚୂଡ଼ାନ୍ତ ତାଲିକାକୁ ଗୁରୁତ୍ୱ ଦିଆଯାଉନାହିଁ
- ଅଭିଯୋଗ ଆଣିଲେ ସରପଞ୍ଚ

**ଔପଦା, ୨୮।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଔପଦା ବ୍ଲକ ସମ୍ମିଳନୀ କକ୍ଷରେ ପଞ୍ଚାୟତ ସମିତି ବୈଠକ ବ୍ଲକ ଅଧ୍ୟକ୍ଷା ନିର୍ମଳା ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସ୍ଥାନୀୟ ବିଧାୟକ ଇଂ. ସୁକାନ୍ତ ନାୟକ ଯୋଗ ଦେଇଥିବା ବେଳେ ସବୁ ପଞ୍ଚାୟତର ସମିତିସଭ୍ୟ ଓ ସରପଞ୍ଚଙ୍କ ସହ ବ୍ଲକ ଉପାଧ୍ୟକ୍ଷା ତିଳୋତ୍ତମା ପରିଡ଼ା, ଜିଲାପରିଷଦ ସଭ୍ୟା ଜୋନ୍-୧ ସୁବାସିନୀ ବିଶ୍ୱାଳ, ଜିଲାପରିଷଦ ସଭ୍ୟ ଜୋନ୍-୨ ଶୁଭେନ୍ଦୁ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାୟ ସମସ୍ତ ବିଭାଗର ବରିଷ୍ଠ ପଦାଧିକାରୀ ମଧ୍ୟ ଉପସ୍ଥିତ ଥିଲେ। କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଜଳ, ପରିମଳ, ବନ, ଉଦ୍ୟାନ, ଶିଶୁକଲ୍ୟାଣ, ଇନ୍ଦିରା ଆବାସ, ପ୍ରଧାନମନ୍ତ୍ରୀ ଆବାସ, ଉନ୍ନୟନ ଆଦି ବିଭାଗର ପଦାଧିକାରୀଙ୍କୁ ବିଭିନ୍ନ ପ୍ରଶ୍ନର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଏମ୍‌ପି ପ୍ରତିନିଧି ଓ ତଳକିଆ ସମିତିସଭ୍ୟ ଅଶୋକ କୁମାର ପ୍ରଧାନ, ରାଏରାମଚନ୍ଦ୍ରପୁର ସରପଞ୍ଚ ଉଦୟ କୁମାର ସ, ତଳକିଆ ସରପଞ୍ଚ ମଧୁସୂଦନ ମଲ୍ଲିକ, ବଡ଼ପୋଖରୀ ସରପଞ୍ଚ ଅରୁଣ କୁମାର ବେହେରା ପ୍ରମୁଖ ସୌରଚାଳିତ ପାଇପ୍ ପାନୀୟଜଳ ପଏଣ୍ଟ ଅଚଳ ତଥା ଇନ୍ଦିରା ଆବାସ ଓ ପ୍ରଧାନମନ୍ତ୍ରୀ ଆବାସ ହିତାଧିକାରୀ ତାଲିକାକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ସମିତିସଭ୍ୟମାନେ ସରପଞ୍ଚ, ଗ୍ରାମସଭା ଓ ପଲ୍ଲୀସଭାରେ ପ୍ରସ୍ତୁତ ଚୂଡ଼ାନ୍ତ ତାଲିକାକୁ ହିତାଧିକାରୀ ଚୟନ ସମୟରେ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ କରିଥିଲେ। ଏହାକୁ ନେଇ ସରପଞ୍ଚ ଓ ସମିତିସଭ୍ୟଙ୍କ ମଧ୍ୟରେ ବେଶ୍ କିଛି ସମୟ କଥା କଟାକଟି ହୋଇଥିଲା ଓ ସ୍ଥାନୀୟ ବିଧାୟକଙ୍କ ହସ୍ତକ୍ଷେପ ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ସେହିପରି କୁଳଡିହା ହାତୀ, ଅଭୟାରଣ୍ୟ ମଧ୍ୟରୁ ବନବିଭାଗ ଲଗାଇଥିବା କ୍ୟାମେରି ଚୋରି ପ୍ରସଙ୍ଗକୁ ନେଇ ସଭ୍ୟମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ଔପଦା ବିଡ଼ିଓ ପିତାମ୍ବର ଭୋଇ ବୈଠକ ସଂଯୋଜନା କରିଥିଲେ। ଜିପିଓ ଦାମୋଦର ମାଝି ଓ ବରିଷ୍ଠ ନିର୍ବାହୀଯନ୍ତ୍ରୀ ସ୍ମିତା ଗୁଡ୍ଡୁ ବିଡ଼ିଓଙ୍କୁ ସହଯୋଗ କରିଥିଲେ।



ବୈଠକରେ ଉପସ୍ଥିତ ବିଭିନ୍ନ ପଦାଧିକାରୀ ଓ ଲୋକପ୍ରତିନିଧି।

## 'ଦିନଟିଏ ଆମ ପାଇଁ' କାର୍ଯ୍ୟକ୍ରମ

**ଖଇରା, ୨୮।୧୨(ଡି.ଏନ.ଏ.)**

ଏସ୍.ଆର୍ ଗ୍ରୁପ ପକ୍ଷରୁ ଅଧ୍ୟକ୍ଷ ଇଂ ରାଜେଶ ମହାକୁଡ କମ୍ପାନୀର ବାର୍ଷିକ ଉତ୍ସବକୁ ନିଆରା ଢଙ୍ଗରେ ପାଳନ କରିଛନ୍ତି । ଏହି କାର୍ଯ୍ୟକ୍ରମର ନାମ 'ଦିନଟିଏ ଆମପାଇଁ' ରଖାଯାଇଥିଲା। ଏହି ଅବସରରେ କର୍ମଚାରୀ ଓ ସେମାନଙ୍କ ପିଲାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ ହୋଇଥିଲା। ଏଥିରେ କୃତିତ୍ୱ ଅର୍ଜନ କରିଥିବା କର୍ମଚାରୀ ଓ ତାଙ୍କ ପିଲାମାନଙ୍କୁ ଅଧ୍ୟକ୍ଷ ଇଂ ମହାକୁଡ ପୁରସ୍କୃତ କରିଥିଲେ।

## ଜଳେଶ୍ୱର ତହସିଲରେ ଜିଲାପାଳଙ୍କ ସମୀକ୍ଷା

**ଜଳେଶ୍ୱର, ୨୮।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲାପାଳ ରମେଶଚନ୍ଦ୍ର ରାଉତ ଜଳେଶ୍ୱର ତହସିଲ କାର୍ଯ୍ୟାଳୟରେ ଶୁକ୍ରବାର ପହଞ୍ଚି ରାଜସ୍ୱ ସମ୍ପର୍କିତ ବାର୍ଷିକ ସମୀକ୍ଷା କରିଛନ୍ତି। ଡେପୁଟି କଲେକ୍ଟର ଅରୁଣା ତ୍ରିପାଠୀ, ତହସିଲଦାର ଅଭିମନ୍ୟୁ ପଣ୍ଡା ଓ ବିଡିଓ ନିତ୍ୟାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଜିଲାପାଳ ତାଙ୍କ ସମୀକ୍ଷାରେ ରାଜସ୍ୱ ଆଦାୟ, ନାମଜାରି ଓ ସାର୍ଟିଫିକେଟ୍ ମାମଲା, ଘରବାଡ଼ି ପଟ୍ଟା, ବାଲି ସୈରାତରୁ ରୟାଲଟି ଆଦାୟ ଉପରେ ଗୁରୁତ୍ୱ ଦେଇଥିଲେ। ବେଆଇନ ଇଟାଭାଟି, ବାଲି ଓ ମୋରମ ଚୋରା ଚାଲାଣ ନେଇ ରାଜସ୍ୱ ନିରୀକ୍ଷକମାନଙ୍କୁ ସଜାଗ ରହିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହାସହିତ ଜଳେଶ୍ୱର ତହସିଲ ଅଞ୍ଚଳରେ ଜବରଦଖଲ ସରକାରୀ ଜମିକୁ ଦଖଲମୁକ୍ତ କରିବା ପାଇଁ ତହସିଲଦାରଙ୍କୁ ପଦକ୍ଷେପ ନେବା ପାଇଁ ଆଦେଶ ଦେଇଥିଲେ। ଜିଲାପାଳ ବିଡିଓଙ୍କ ସହିତ ଗୋବରଘାଟା ପଞ୍ଚାୟତକୁ ଯାଇ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ।

## ନାରୀଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା

**ଖଇରା, ୨୮।୧୨(ଡି.ଏନ.ଏ.)**

ଖଇରା ବ୍ଲକର ଅଗ୍ରଣୀ ପ୍ରିୟଦର୍ଶନୀ ମହିଳା ସମିତି ପକ୍ଷରୁ ବୁଧବାର ଗଣ୍ଡିବେଡଠାରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡା.ସୁପ୍ରଭା ଦାସ ଅଧ୍ୟକ୍ଷତା କରିଥିଲେ। ଖଇରା, ଗଣ୍ଡିବେଡ, ମାଟିଆଳପଦା, ଡାଳଙ୍ଗ, ସୁଣ୍ଡିରା, ତୁଡିଗଡିଆ ଆଦି ଅଞ୍ଚଳରୁ ଶତାଧିକ ମହିଳା ଯୋଗଦେଇଥିଲେ। ସମ୍ପାଦିକା ଜୟନ୍ତୀ ମହାରଥା ଯୋଗଦେଇ ନାରୀମାନଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ନାରୀମାନେ କିପରି ବିଭିନ୍ନ ସମସ୍ୟା ମଧ୍ୟ ପେଷି ହୋଇଯାଉଛନ୍ତି ସେ ସମ୍ପର୍କରେ ସଭ୍ୟା ଶିବାନୀ ଦାସ, ସୁକେସିନୀ ମହାନ୍ତି, ଲକ୍ଷ୍ମୀପ୍ରିୟା ମହାନ୍ତି, ସୁରେଖା ଜେନା, ରମ୍ଭାମଣୀ ବାରିକ, ସ୍ନେହଲତା ପରିଡା, ତୁଳସୀ ପରିଡା, ମେନକା ପାଣ୍ଡିଆ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସଭାନେତ୍ରୀ ଡା.ସୁପ୍ରଭା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଉପାନ୍ତ ଗ୍ରାମୀଣ ମହୋତ୍ସବ ଉଦ୍‌ଘାଟିତ

**ବାଲିଆପାଳ, ୨୮।୧୨(ଡି.ଏନ.ଏ.):** ମହୋତ୍ସବ ଭାଇଚାରା କଥା କହେ, ନୂଆ ପ୍ରତିଭା ଚିହ୍ନାଏ ଓ ଆଗକୁ ନିଏ ବୋଲି ଗୁରୁବାର ଡେମୁରିଆସ୍ଥିତ ଉତ୍ତର ବାଲେଶ୍ୱର ଉପାନ୍ତ ଗ୍ରାମୀଣ ମହୋତ୍ସବର ଉଦ୍‌ଘାଟନୀ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଉତ୍ସବ କମିଟି ସଭାପତି ପତିତପାବନ ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଉତ୍କଳ ସମ୍ମିଳନୀ ରାଜ୍ୟ ସଭାପତି ଡ.ଅଦ୍ୱୈତ କୁମାର ପାତ୍ର, ଭୋଗରାଇ ବ୍ଲକ ଅଧ୍ୟକ୍ଷା ମଞ୍ଜୁରାଣୀ ବେହେରା, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ରବୀନ୍ଦ୍ର ପ୍ରଧାନ, ପୂର୍ବତନ ପ୍ରଧାନ ଶିକ୍ଷକ କମଳକୁମାର ପଟ୍ଟନାୟକ, ବ୍ୟାଙ୍କ ଅଧିକାରୀ ଶଙ୍କର ବାରିକ୍, ବରିଷ୍ଠ ସମ୍ବାଦଦାତା ସୁକୁମାର ରଣା, ବରିଷ୍ଠ ସାମାଜିକ କର୍ମୀ ରାଜେନ୍ଦ୍ର ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ balasoreselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।






ସୁଧାଂଶୁ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | balasoreselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

**ଫର୍ମ ନଂ. ଆଇଏନ୍‌ସି-୨୬**
[କମ୍ପାନୀ (ଇନ୍‌କର୍ପୋରେଶନ୍) ନିୟମାବଳୀ, ୨୦୧୪ର ନିୟମ ୩୦ ଆଧାରରେ] କମ୍ପାନୀର ପଞ୍ଜୀକୃତ କାର୍ଯ୍ୟାଳୟ ଗୋଟିଏ ରାଜ୍ୟରୁ ଅନ୍ୟ ରାଜ୍ୟକୁ ପରିବର୍ତ୍ତନ ହେବା ସମ୍ପର୍କରେ ଖବରକାଗଜରେ ପ୍ରକାଶିତ ହେବାକୁ ଥିବା ବିଜ୍ଞପ୍ତି
**କେନ୍ଦ୍ର ସରକାର ପୂର୍ବାଞ୍ଚଳଙ୍କ ସମ୍ମୁଖରେ**
କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୧୩ର ଉପଧାରା (୪) ଏବଂ କମ୍ପାନୀ (ଇନ୍‌କର୍ପୋରେଶନ୍) ନିୟମାବଳୀ, ୨୦୧୪ର ନିୟମ ୩୦ର ଉପ-ନିୟମ (୫)ର ଅନୁଚ୍ଛେଦ (କ) ମାମଲାରେ
**ଏବଂ**
**ଡିସେଣ୍ଟ ଏଗ୍ରୋ ପ୍ରଡକ୍ଟସ ପ୍ରାଇଭେଟ୍ ଲିମିଟେଡ୍,**
ପଞ୍ଜୀକୃତ କାର୍ଯ୍ୟାଳୟ: ପଙ୍କଜ ଟ୍ରେଡର୍ସ, ହୋଟେଲ ରିଜେନ୍ସି ନିକଟ, ଦୁର୍ଗା ମଣ୍ଡପ ରୋଡ୍, କେସିଙ୍ଗା, ଓଡ଼ିଶା-୭୬୬୦୧୨ର ମାମଲାରେ
..............ବାଦୀ
**ସର୍ବସାଧାରଣ ବିଜ୍ଞପ୍ତି**
ଏତଦ୍ୱାରା ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ବିଜ୍ଞପ୍ତି ପ୍ରଦାନ କରାଯାଉଛି ଯେ, କମ୍ପାନୀ ଶୁକ୍ରବାର, ୧ ଡିସେମ୍ବର, ୨୦୧୮ ଦିନ ଅନୁଷ୍ଠିତ ଅତିରିକ୍ତ ସାଧାରଣ ବୈଠକରେ ସଦସ୍ୟମାନଙ୍କ ଦ୍ୱାରା ଗୃହୀତ ବିଶେଷ ସଂକଳ୍ପ ଅନୁଯାୟୀ କମ୍ପାନୀର ସଂସ୍ଥା ଜ୍ଞାପକରେ ସଂଶୋଧନ ଲାଗି ଅନୁମତି ପାଇଁ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୧୩ ଅଧୀନରେ କେନ୍ଦ୍ର ସରକାରଙ୍କ ନିକଟରେ ଆବେଦନ କରିବାର ପ୍ରସ୍ତାବ ରଖିଛି, ଯାହା କମ୍ପାନୀକୁ ଏହାର ପଞ୍ଜୀକୃତ କାର୍ଯ୍ୟାଳୟକୁ "ଓଡ଼ିଶା ରାଜ୍ୟ"ରୁ "ତେଲେଙ୍ଗାନା ରାଜ୍ୟ"କୁ ପରିବର୍ତ୍ତନ କରିବାରେ ସକ୍ଷମ କରିବ।
କମ୍ପାନୀର ପ୍ରସ୍ତାବିତ ପଞ୍ଜୀକୃତ କାର୍ଯ୍ୟାଳୟ ପରିବର୍ତ୍ତନ କାରଣରୁ ଯଦି କୌଣସି ବ୍ୟକ୍ତିବିଶେଷଙ୍କ ସ୍ୱାର୍ଥ ପ୍ରଭାବିତ ହେବାର ସମ୍ଭାବନା ଥାଏ ତେବେ ସେ ଏମ୍‌ସିଏ-୨୧ ପୋର୍ଟାଲ (www.mca.gov.in)ରେ ନିବେଶକ ଅଭିଯୋଗ ଫର୍ମ ଦାଏର କରିପାରିବେ କିମ୍ବା ତାଙ୍କର ସ୍ୱାର୍ଥ ତଥା ଆପତ୍ତିର କାରଣ ଦର୍ଶାଇ ସତ୍ୟପାଠ ସହିତ ନିଜର ଆପତ୍ତିକୁ ପଞ୍ଜୀକୃତ ଡାକ ମାଧ୍ୟମରେ ଆଞ୍ଚଳିକ ନିର୍ଦ୍ଦେଶକଙ୍କ ନିକଟକୁ ଠିକଣା ଆଞ୍ଚଳିକ ନିର୍ଦ୍ଦେଶକ, ପୂର୍ବାଞ୍ଚଳ, ନିଜାମ ପ୍ୟାଲେସ୍, II ଏମ୍‌ଏସ୍‌ଓ ବିଲ୍ଡିଂ, ୩ୟ ମହଲା, ୨୩୪/୪ ଏ.ଜେ.ସି. ବୋଷ ରୋଡ୍, କୋଲକାତା-୭୦୦୦୨୦ଙ୍କ ନିକଟକୁ ଏହି ବିଜ୍ଞପ୍ତି ପ୍ରକାଶନ ତାରିଖରୁ ଚଉଦ ଦିନ ମଧ୍ୟରେ ପଠାଇବା ସହିତ ଏହାର ଏକ ପ୍ରତିଲିପି ଆବେଦନକାରୀ କମ୍ପାନୀର ନିମ୍ନଦର୍ଶିତ ପଞ୍ଜୀକୃତ କାର୍ଯ୍ୟାଳୟ ଠିକଣାରେ ପ୍ରେରଣ କରିବେ:
**ପଞ୍ଜୀକୃତ କାର୍ଯ୍ୟାଳୟ:**
ପଙ୍କଜ ଟ୍ରେଡର୍ସ, ହୋଟେଲ ରିଜେନ୍ସି ନିକଟ,
ଦୁର୍ଗା ମଣ୍ଡପ ରୋଡ୍, କେସିଙ୍ଗା, ଓଡ଼ିଶା-୭୬୬୦୧୨
**ଆବେଦନକାରୀ ଡିସେଣ୍ଟ ଏଗ୍ରୋ ପ୍ରଡକ୍ଟସ ପ୍ରାଇଭେଟ୍ ଲିମିଟେଡ୍ ପାଇଁ ଏବଂ ତରଫରୁ**
ସ୍ୱା./-
ବିଜୟ କୁମାର (ନିର୍ଦ୍ଦେଶକ) ତାରିଖ: ୨୯।୧୨।୨୦୧୮
ଡିଆଇଏନ୍-୦୦୭୫୪୨୩୬ ସ୍ଥାନ: କେସିଙ୍ଗା

**ପୂର୍ବ ତଟ ରେଳପଥ**
**ଟ୍ରାକ୍ ଫିଟିଂଗୁଡ଼ିକର ଇ-କ୍ରୟ ପ୍ରଣାଳୀ**
ଇ-ଟେଣ୍ଡର ବିଜ୍ଞପ୍ତି ସଂ.: ECoRCONTP181908, ତା: 11.12.2018, ECoRCONTP181910, ତା: 17.12.2018 ଏବଂ ECoRCONTP181911, ତା: 26.12.2018
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ), ପୂର୍ବ ତଟ ରେଳପଥ, ଭୁବନେଶ୍ୱର, ଇ-କ୍ରୟ ପ୍ରଣାଳୀ ୱେବ୍‌ସାଇଟ୍ http://www.ireps.gov.in ଜରିଆରେ ଇ-ଟେଣ୍ଡର-ଗୁଡ୍‌ସ ଏବଂ ସର୍ଭିସ୍ ପୋର୍ଟାଲରେ ସ୍ପେଶାଲ PSC ସ୍ଲିପରଗୁଡ଼ିକ ଏବଂ ଟ୍ରାକ୍ ଫିଟିଂଗୁଡ଼ିକର ଉତ୍ପାଦନ ଏବଂ ଯୋଗାଣ ନିମନ୍ତେ ଇ-ବିଡ୍ ଆମନ୍ତ୍ରଣ କରୁଛନ୍ତି । ପରବର୍ତ୍ତୀ ସଂପୂର୍ଣ୍ଣ ବିବରଣୀ ନିମନ୍ତେ ଇଚ୍ଛୁକ ଟେଣ୍ଡରଦାତାମାନଙ୍କୁ ଏହି ସାଇଟ୍ ଅବଲୋକନ କରି ପ୍ରସ୍ତାବ ଦାଖଲ କରିବାକୁ ପରାମର୍ଶ ଦିଆଯାଉଛି ।
ଉପ ମୁଖ୍ୟ ଯନ୍ତ୍ରୀ/ ନିର୍ମାଣ/ TP, ଭୁବନେଶ୍ୱର
PR-95/CB/18-19



## ସଂକ୍ଷେପରେ

ମେଡିକାଲ କଲେଜ ପ୍ରତିଷ୍ଠା ଦାବି

### ୩ୟ ଦିନରେ ପ୍ରତୀକ ଧାରଣା

**ଭଦ୍ରକ ଅଫିସ, ୨୮।୧୨:** ଭଦ୍ରକରେ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତୀକ ଧାରଣା ଶୁକ୍ରବାର ୩ୟ ଦିନରେ ପହଞ୍ଚିଥିଲା। ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଶାନ୍ତନୁ କୁମାର ରାଉତ, ସୁଧାକର ରାଉତ, ଅଶୋକ କୁମାର ମହାନ୍ତି, ହରେକୃଷ୍ଣ ନାୟକ, କୈଳାସ ଚନ୍ଦ୍ର ଜେନା, ଗୀତାରାଣୀ ଆଇଚ, ଅଜିତ କୁମାର ନାୟକ ପ୍ରମୁଖ ଧାରଣାରେ ବସିଛନ୍ତି। ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲିବ ବୋଲି କୁହାଯାଇଛି।

### କଂଗ୍ରେସର ପ୍ରତିଷ୍ଠା ଦିବସ

**ଭଦ୍ରକ ଅଫିସ, ୨୮।୧୨:** ଭଦ୍ରକ ଜିଲା କଂଗ୍ରେସ କାର୍ଯ୍ୟାଳୟଠାରେ କଂଗ୍ରେସର ୧୩୪ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଆୟୋଜିତ ସଭାରେ ଜିଲା ସଭାପତି ଅଶୋକ କୁମାର ଦାସ ଅଧ୍ୟକ୍ଷତା କରି ଦଳକୁ ସର୍ବପୁରାତନ କହିବା ସହ ଦେଶ ପ୍ରତି ଦଳର ଅବଦାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ନରେନ ପଲେଇ, ପଞ୍ଚାନନ ମଣ୍ଡଳ, ପିସିସି ସମ୍ପାଦକ ଦେବରୂପ ମହାନ୍ତି, ଜିଲା ଉପସଭାପତି ଦିଲୀପ ନାୟକ, ଆଶିଷ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

### କୋର୍ଟ ପରିସରରେ ରାଜଯୋଗ ଅନୁଭୂତି

**ଭଦ୍ରକ ଅଫିସ, ୨୮।୧୨:** ଭଦ୍ରକ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ କୋର୍ଟ ପରିସରରେ ଥିବା ଓକିଲ ସମ୍ମିଳନୀ କକ୍ଷରେ ବରିଷ୍ଠ ଅଧିବକ୍ତା ନିରାକାର ଯେନାଙ୍କ ଉଦ୍ୟମରେ ରାଜଯୋଗ ଅନୁଭୂତି ପ୍ରୟାସ ଅନୁଷ୍ଠିତ ହୋଇଯାଇଛି। ବ୍ୟସ୍ତବହୁଳ ଜୀବନ ଭିତରେ ପରମାତ୍ମାଙ୍କ ସହ କିଛି ସମୟ ମନର ସଂଯୋଗ ଜୀବନକୁ ସହଜ ଓ ଆନନ୍ଦମୟ କରିପାରେ ବୋଲି ଭଦ୍ରକ ବ୍ରହ୍ମାକୁମାରୀ ସେବାକେନ୍ଦ୍ରର ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ ମଞ୍ଜୁ ପ୍ରକାଶ କରିଥିଲେ। ବ୍ରହ୍ମାକୁମାରୀ ମଧୁସ୍ମିତା ଓ ବ୍ରହ୍ମାକୁମାର ସୌଭାଗ୍ୟ ଆନ୍ତରିକ ଶାନ୍ତି କିପରି ମିଳିପାରିବ ସେଥିପାଇଁ ପରମାତ୍ମାଙ୍କ ନିବିଡ଼ ସମ୍ବନ୍ଧ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।

### ଯାତ୍ରା ଅଭିନେତା ଗୋପାଳଙ୍କ ପରଲୋକ



**ଧାମନଗର, ୨୮।୧୨ (ଡି.ଏନ.ଏ.):** ଧାମନଗର ବ୍ଲକ ସୂର୍ଯ୍ୟପୁର ଗ୍ରାମର ଯାତ୍ରା ଅଭିନେତା, ଖଳନାୟକ, ନିର୍ଦ୍ଦେଶକ ଗୋପାଳ ଗୋସ୍ୱାମୀ(୮୦)ଙ୍କର ଶୁକ୍ରବାର ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି। ବହୁ ବିଶିଷ୍ଟ କଳାକାର, ଶିକ୍ଷାବିତ୍‌ଙ୍କ ସମେତ ସ୍ୱାଧୀନତା ସଂଗ୍ରାମୀ ଗୌରୀଶ୍ୟାମ ଗୋସ୍ୱାମୀ, ଅକ୍ଷୟ ଗୋସ୍ୱାମୀ, ନରେନ୍ଦ୍ର ଗୋସ୍ୱାମୀ ଓ ଦେବେନ୍ଦ୍ର ଗୋସ୍ୱାମୀ ପ୍ରମୁଖ ଆସି ଶେଷ ଦର୍ଶନ କରିଥିଲେ। ମରଶରୀରକୁ ଗ୍ରାମ ପରିକ୍ରମା ପରେ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

### 'ସ୍ମୃତିକୁ ପୁନର୍ଜୀବିତ କରେ ବନ୍ଧୁମିଳନ'

**ତିହିଡ଼ି, ୨୮।୧୨ (ଡି.ଏନ.ଏ.):** ତିହିଡ଼ି ବ୍ଲକ ଗୁଆମାଳ ପଞ୍ଚାୟତ ବୀଣାପାଣି ହାଇସ୍କୁଲର ୧୯୮୪ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ପ୍ରଧାନଶିକ୍ଷକ ଉଚ୍ଛବାନନ୍ଦ ସାମଲ ପୌରୋହିତ୍ୟ କରିଥିଲେ। ପ୍ରଧାନଶିକ୍ଷକ ଧୀରେନ କୁମାର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ବନ୍ଧୁମିଳନ ସ୍ମୃତିକୁ ପୁନର୍ଜୀବିତ କରିଥାଏ ବୋଲି କହିଥିଲେ। ସ୍ୱାମୀ ଆଶ୍ରୟାନନ୍ଦଜୀ ମହାରାଜ ମୁଖ୍ୟବକ୍ତା ଏବଂ ଶିକ୍ଷକ ଶତ୍ରୁଘ୍ନ ସାହୁ, ବିଜୟ କୁମାର ପଣ୍ଡା, ଗଦାଧର ଗାହାଣ, ଶରତ ଚନ୍ଦ୍ର ବିଶ୍ୱାଳ, ନିର୍ମଳ ଚନ୍ଦ୍ର ମହାପାତ୍ର, ଦୟାନିଧି ରାଉତ, ଗୌରାଙ୍ଗ ତ୍ରିପାଠୀ, ରମେଶ ଚନ୍ଦ୍ର ନାୟକ, ଦୀନବନ୍ଧୁ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପୂର୍ବତନ ଛାତ୍ର କରୁଣାକର ଦାସ, ଅଶୋକ ଶତପଥୀ, ସନ୍ତୋଷ ମିଶ୍ର, ନିରଞ୍ଜନ ମିଶ୍ର, ଅମରେନ୍ଦ୍ର ଜେନା, ସ୍ନେହଲତା ଆଚାର୍ଯ୍ୟ, ତୁଳସୀ ପାଢ଼ୀ, ଜୀବନାନନ୍ଦ ପାଣିଗ୍ରାହୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପୁଣି ଧସିଲା ବୈତରଣୀ ନଦୀବନ୍ଧ

**ଆରଡ଼ି, ୨୮।୧୨ (ଡି.ଏନ.ଏ.)**

■ ୧୦୦ ଫୁଟ ଲମ୍ବର ମାଟି ଅତଡ଼ା ଖସିପଡ଼ିଛି
■ ନଦୀଗର୍ଭରେ ପଥରପ୍ୟାକିଂ

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ଆରଡ଼ି ପଞ୍ଚାୟତ ମୁଆଁ ଗାଁ ନିକଟରେ ଶୁକ୍ରବାର ପୁଣି ବୈତରଣୀ ନଦୀବନ୍ଧ ଧସି ପଡ଼ିଛି। ନଦୀବନ୍ଧରୁ ପ୍ରାୟ ୧୦୦ ଫୁଟ ଲମ୍ବର ମାଟି ଅତଡ଼ା ଖସିଯାଇଛି। ଫଳରେ ଏଠାରେ କିଛିଦିନ ତଳେ ହୋଇଥିବା ପଥରପ୍ୟାକିଂ ନଦୀଗର୍ଭକୁ ଚାଲି ଯାଇଛି। ୬ ଦିନ ପୂର୍ବେ ଏହି ସ୍ଥାନରେ ପ୍ରାୟ ୫୦ ଫୁଟ ଲମ୍ବର ମାଟି ଅତଡ଼ା ଖସିବା ସହ ବନ୍ଧ ଉପରେ ଢଳାଯାଇଥିବା ପଥର ମଧ୍ୟ ନଦୀକୁ ଚାଲି ଯାଇଥିଲା। ବୈତରଣୀ ନଦୀବନ୍ଧରେ ବାରମ୍ବାର ମାଟି ଅତଡା ଖସୁଥିବାରୁ ଏହା ଦୁର୍ବଳ ହେଉଥିବା ମୁଆଁ ଗ୍ରାମବାସୀ ପ୍ରକାଶ କରିଛନ୍ତି। ନଦୀବନ୍ଧରେ ମାଟି ନ ପକାଇ ଜେସିବି ଦ୍ୱାରା ପଥର ଗଡ଼ା ଯାଉଥିବାରୁ ମାଟି ଅତଡ଼ା ଖସି ଏଭଳି ସ୍ଥିତି ସୃଷ୍ଟି ହେଉଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଜଳସେଚନ ବିଭାଗ ଉପଖଣ୍ଡ ଅଧିକାରୀ ଭୁବନାନନ୍ଦ ମହାନ୍ତି କହିଛନ୍ତି, ନଦୀଶଯ୍ୟାରୁ ପଥରପ୍ୟାକିଂ କାମ ଆରମ୍ଭ ହେବ। ଏବେ କେବଳ ପଥର ଢଳା ଚାଲିଛି। ପଥର ଖଞ୍ଜାଳି ଅଦ୍ୟାବଧି ଉକ୍ତ ସ୍ଥାନକୁ ଆସିନାହାନ୍ତି। ନଦୀବନ୍ଧରେ ପଥର ଢଳା ଯାଇଥିବାରୁ ମାଟି ଅତଡ଼ା ଖସିବା ଭଳି ସମସ୍ୟା ଦେଖାଦେଇଛି। ପଥରପ୍ୟାକିଂ ସହ ମାଟି ପକାଯାଇ ବନ୍ଧ ସୁଦୃଢ଼ୀକରଣ କରାଯିବ। ଗ୍ରାମବାସୀ ଭୟ ନ କରିବାକୁ ସେ କହିଛନ୍ତି।



ମୁଆଁ ନିକଟରେ ନଦୀବନ୍ଧରେ ମାଟି ଅତଡ଼ା ଖସିଛି।

# ଓଡ଼ିଶା ମହିଳା ଭଲିବଲ ସିନିୟର ଦଳରେ ଜୟଶ୍ରୀ

**ଭଦ୍ରକ ଅଫିସ, ୨୮।୧୨**

ଓଡ଼ିଶା ମହିଳା ଭଲିବଲ(ସିନିୟର) ୧୨ଜଣିଆ ଦଳରେ ଭଦ୍ରକର ଜୟଶ୍ରୀ ପଲେଇ ସ୍ଥାନ ପାଇଛନ୍ତି। ବାସୁଦେବପୁର ବ୍ଲକ ଅନ୍ତର୍ଗତ ଲୁଙ୍ଗା ପଞ୍ଚାୟତ ଉରୁଣିଆ ଗ୍ରାମର ଜୟଶ୍ରୀ ଚେନ୍ନାଇଠାରେ ଆସନ୍ତା ୨ ତାରିଖରୁ ଅନୁଷ୍ଠିତ ହେବାକୁ ଥିବା ସର୍ବଭାରତୀୟ ଆନ୍ତଃରାଜ୍ୟ ଭଲିବଲ ଟୁର୍ନାମେଣ୍ଟରେ ରାଜ୍ୟ ପାଇଁ ପ୍ରତିନିଧିତ୍ୱ କରିବେ। ଉରୁଣିଆର ଗୟାଧର ପଲେଇ ଓ ଶୁଭଲକ୍ଷ୍ମୀଙ୍କ ଝିଅ, କୁଆଁସ ନିବାସୀ ଆଇନଜୀବୀ ଅତିଶ କୁମାର ବେହେରାଙ୍କ ଭାଣିଜୀ ଜୟଶ୍ରୀ ୨୦୧୫ରୁ କେନ୍ଦ୍ରାପଡ଼ାଠାରେ କୋଚ୍ ନାରାୟଣ ବାରିକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ତାଲିମ ନେବା ସହ ରାଜ୍ୟ ଦଳକୁ ପ୍ରତିନିଧିତ୍ୱ କରିବାକୁ କଠିନ ପରିଶ୍ରମ କରିଥିଲେ। ସେ ପୂର୍ବରୁ ଜାତୀୟ ଯୁବ ମହିଳା ଭଲିବଲ ଦଳ(କନିଷ୍ଠ)ରେ ରାଜ୍ୟ ପାଇଁ ୨ ଥର ପ୍ରତିନିଧିତ୍ୱ କରି ଦକ୍ଷତା ପ୍ରଦର୍ଶନ କରିଥିଲେ। ଭଲିବଲ ବ୍ୟତୀତ ଜଣେ ସଫଳ ଆଥ୍‌ଲେଟ ଭାବେ ସେ ବିଭିନ୍ନ ଅନୁଷ୍ଠାନ ତରଫରୁ ପୁରସ୍କୃତ ହୋଇଛନ୍ତି। ସଫଳତା ପାଇଁ ଜୟଶ୍ରୀ ଓଡ଼ିଶା କ୍ରିକେଟ ଆସୋସିଏଶନର ସମ୍ପାଦକ ଧୀରେନ ପଲେଇଙ୍କୁ ଶ୍ରେୟ ଦେଇଛନ୍ତି।



ଜୟଶ୍ରୀ ପଲେଇ।

# ଧାନବସ୍ତା ରଖି ଚାଷୀଙ୍କ ବିକ୍ଷୋଭ




ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀମାନେ ଆନ୍ଦୋଳନ କରୁଛନ୍ତି।

**ଭଦ୍ରକ ଅଫିସ, ୨୮।୧୨**

ଓଡ଼ିଶା କୃଷକ ସଭାର ଭଦ୍ରକ ଜିଲା କମିଟି ପକ୍ଷରୁ ଶତାଧିକ ଚାଷୀ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାନବସ୍ତା ବୋଝେଇ ଗାଡ଼ି ରଖି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଟାଉନ ହଲ୍‌ଠାରୁ ଚାଷୀମାନେ ଏକ ପଟୁଆରରେ ବାହାରି ଜିଲାପାଳଙ୍କ ଅଫିସ ସମ୍ମୁଖରେ ପହଞ୍ଚି ପ୍ରତିବାଦ ସଭା କରିଥିଲେ। ନିରଞ୍ଜନ ପାଣି ସଭାପତିତ୍ୱ କରିଥିଲେ। ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ସନ୍ତୋଷ ଦାସ, କୃଷକ ସଭାର ଜିଲା ସଭାପତି ଚନ୍ଦ୍ରଶେଖର ନାୟକ, ଦିବ୍ୟସିଂହ ନାୟକ, ରାଧା ଦାସ, ଜିଲା ସମ୍ପାଦକ ବିଷ୍ଣୁ ଦାଶ, ଗିରିଧାରୀ ନାଥ, ଅଗଣି ଚରଣ ଜେନା, ସଭ୍ୟ ମୂର୍ତ୍ତି ବେହେରା, ପ୍ରଫୁଲ୍ଲ ପାଢ଼ୀ, ବିଭୁ କଲ୍ୟାଣ ନାୟକ ପ୍ରମୁଖ ଚାଷୀମାରଣ ନୀତିକୁ ନିନ୍ଦା କରିଥିଲେ। ଚାଷୀଙ୍କୁ ଧାନମଣ୍ଡିରେ ଶୋଷଣ କରାଯିବା ଓ ସାବରଙ୍ଗର ଚାଷୀ ଆତ୍ମହତ୍ୟା ଉଦ୍ୟମ ଘଟଣା ପ୍ରଶାସନର ବିଫଳତାକୁ ସ୍ପଷ୍ଟ କରୁଛି ବୋଲି ଅଭିଯୋଗ ଆଣିଥିଲେ ଚାଷୀ ନେତୃବୃନ୍ଦ। ଶେଷରେ ଜିଲା ଯୋଗାଣ ଅଧିକାରୀ ଅଶୋକ କୁମାର ମାଝୀ ପହଞ୍ଚି ଘଟଣାସ୍ଥଳରେ ଥିବା ଚାଷୀଙ୍କ ସମସ୍ତ ଧାନକୁ ସରକାରୀ ଦରରେ କ୍ରୟ କରିଥିଲେ। ଏଥିସହ ଧାନ କ୍ରୟ କରି ନ ଥିବା ସୋସାଇଟି ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଚାଷୀମାନେ ଆନ୍ଦୋଳନରୁ ଓହରିଥିଲେ।

## ଛାତ୍ରୀଙ୍କୁ ଆତ୍ମରକ୍ଷା ତାଲିମ

**ତିହିଡ଼ି, ୨୮।୧୨ (ଡି.ଏନ.ଏ.)**

ତିହିଡ଼ି ଡିଗ୍ରୀ କଲେଜରେ ବାଳିକା ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଦେବେନ୍ଦ୍ର ପ୍ରସାଦ ସାମଲ ପୌରୋହିତ୍ୟ କରିଥିଲେ। ତିହିଡ଼ି ଯୁକ୍ତ ୨ କଲେଜ ଅଧ୍ୟକ୍ଷ ଦୀନବନ୍ଧୁ ଗାହାଣ ମୁଖ୍ୟଅତିଥି ଭାବେ ଯୋଗଦେଇ ଆତ୍ମରକ୍ଷା ପାଇଁ ଦୃଢ଼ ମାନସିକତା ଆବଶ୍ୟକ ବୋଲି କହିଥିଲେ। ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ସ୍ୱପ୍ନାବାସବଦତ୍ତା ସୂତାର, ଅଧ୍ୟାପକ ନାରାୟଣ ପୃଷ୍ଟି, ଅଧ୍ୟାପକ କମଳାକାନ୍ତ ଓଝା, ଅଧ୍ୟାପିକା ସୁନିତା ପ୍ରିୟଦର୍ଶିନୀ ତ୍ରିପାଠୀ ଯୋଗଦେଇ ଛାତ୍ରୀମାନେ ଆତ୍ମରକ୍ଷା କୌଶଳ ଶିକ୍ଷା କରିବା ଜରୁରୀ ବୋଲି ପରାମର୍ଶ ଦେଇଥିଲେ। ଶିବିରରେ ୨ ପର୍ଯ୍ୟାୟରେ ମୋଟ ୮ଟି ଗ୍ରୁପ୍‌ରେ ଛାତ୍ରୀଙ୍କୁ ପ୍ରଶିକ୍ଷଣ ଦିଆଯାଉଛି।

# ଧାନକ୍ରୟ କେନ୍ଦ୍ରରେ ହୋହଲ୍ଲା

**ଭଦ୍ରକ ଅଫିସ, ୨୮।୧୨**

ଭଦ୍ରକ ବ୍ଲକ ରାନ୍ଦିଆ ସେବା ସମବାୟ ସମିତି ପରିସରରେ ଶୁକ୍ରବାର ଧାନକ୍ରୟ କେନ୍ଦ୍ରରେ କେତେକ ଚାଷୀ ଓ ସମିତିର ବୋର୍ଡ ସଭ୍ୟ ହୋହଲ୍ଲା କରିଥିଲେ। ଚାଷୀଙ୍କଠାରୁ ମନଇଚ୍ଛା ଏଫ୍‌ଏକ୍ୟୁ ମାନର ଧାନ ନ ଥିବା ଦର୍ଶାଇ ୫ କେଜି ଧାନ କଟା ଯାଉଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ଧାନକ୍ରୟ କେନ୍ଦ୍ରରେ ଉତ୍ତେଜନା ସ୍ଥିତି ସୃଷ୍ଟି ହୋଇଥିଲା। ସମିତି ବୋର୍ଡ ସଭ୍ୟ ତଥା ଧାନକ୍ରୟ କମିଟି ସଭ୍ୟଙ୍କ ଅଜାଣତରେ ଧାନ କିଣାଯାଉଥିବା, ବସ୍ତା ଦିଆଯାଉ ନ ଥିବା ଅଭିଯୋଗ କରି ବୋର୍ଡ ସଭ୍ୟ ଓ କେତେକ ଚାଷୀ ସମବାୟ ସମିତି ସମ୍ପାଦକଙ୍କୁ ଘେରିଥିଲେ। ସୂଚନା ମୁତାବକ ଏହି ସମବାୟ ସମିତିରେ ମୋଟ ୬୨୦ ଚାଷୀଙ୍କଠାରୁ ପ୍ରାୟ ୩୨ ହଜାର କୁଇଣ୍ଟାଲ ଧାନ କ୍ରୟ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇ ଥିବାବେଳେ ଦୁଇଦିନରେ ମାତ୍ର ୨୨ ଚାଷୀଙ୍କଠାରୁ ୫୩୫ କୁଇଣ୍ଟାଲ ଧାନ କିଣାଯାଇଛି। ଏଥିରେ ଚାଷୀଙ୍କଠାରୁ ବାଧ୍ୟତାମୂଳକ ଭାବେ ୫ କେଜି ଧାନ କଟାଯିବା ସହ ଆର୍ଦ୍ରତା ଥିବା ଦର୍ଶାଇ ଆହୁରି ଅଧିକ କଟାଯାଉଥିବା ବୋର୍ଡ ସଭ୍ୟ ମନୋଜ ଦାସ ଅଭିଯୋଗ କରିଛନ୍ତି। ସମବାୟ ସମିତି ପକ୍ଷରୁ ଚାଷୀଙ୍କୁ ଉପଯୁକ୍ତ ମୂଲ୍ୟ ଦିଆଯାଉ ନ ଥିବା ମଧ୍ୟ ଅଭିଯୋଗ ହୋଇଛି।

# 'ଶିକ୍ଷା ଜୀବନର ଶ୍ରେଷ୍ଠ ସମ୍ବଳ'




ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିମାନେ।

**ଭଦ୍ରକ ଅଫିସ, ୨୮।୧୨**

ଜୀବନରେ ଲକ୍ଷ୍ୟ ନିର୍ଦ୍ଦିଷ୍ଟ ହେବା ଉଚିତ। ସ୍ୱପ୍ନ ନ ରହିଲେ କେହି ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିବେ ନାହିଁ। ତେଣୁ ଶିକ୍ଷା ମଣିଷ ଜୀବନର ଶ୍ରେଷ୍ଠ ସମ୍ବଳ ବୋଲି ଭଦ୍ରକ ସମରାଇପୁରସ୍ଥିତ ବିନାୟକ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୯ମ ବାର୍ଷିକ ଉତ୍ସବ ତଥା ଅନୁଷ୍ଠାନର ନିଜସ୍ୱ ନୂତନ ଗୃହ ଉଦ୍‌ଘାଟନ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅଧ୍ୟକ୍ଷ ଶଶାଂଶୁ ଶେଖର ମହାନ୍ତି ସଭାପତିତ୍ୱ କରିଥିଲେ। ବ୍ୟାଙ୍କ ଅଫ୍ ଇଣ୍ଡିଆର ଜୋନାଲ ମ୍ୟାନେଜର ଯାଦବେନ୍ଦ୍ର ନାରାୟଣ ଦ୍ୱିବେଦୀ ମୁଖ୍ୟଅତିଥି, ଅଧ୍ୟକ୍ଷ ପ୍ରଫେସର ମଦନମୋହନ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ବିନାୟକ ଏଜ୍ୟୁକେଶନ ଟ୍ରଷ୍ଟ ସମ୍ପାଦକ ଜୀବନାନନ୍ଦ ପାଣିଗ୍ରାହୀ ବାର୍ଷିକ ବିବରଣୀ ପାଠ କରିଥିଲେ। ବ୍ୟାଙ୍କ ଅଫ୍ ଇଣ୍ଡିଆର ଏଜିଏମ୍ ବିମଳ ବିହାରୀ ତ୍ରିପାଠୀ, ଭଦ୍ରକ ଦୌଲତପୁର ଶାଖା ପରିଚାଳକ ରାଜୀବ କୁମାର ବେହେରା, ଗୋଲକ ନାୟକ ଓ ସମ୍ପାଦକ ଡ. ଗଗନ ବେହୁରା ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ମୁଖ୍ୟଅତିଥି ଭାବେ ଭଦ୍ରକ ତହସିଲଦାର ପ୍ରଦୀପ କୁମାର ସାହୁ ଯୋଗଦେଇ ଅନୁଷ୍ଠାନର ପତାକା ଉତ୍ତୋଳନ ସହ ବୃକ୍ଷରୋପଣ କରିଥିଲେ।

ବ୍ରାହ୍ମଣ ମହାସଭାର ବୈଠକ

## ଆଡ଼ିଆ ପଞ୍ଚାୟତ କମିଟି ଗଠିତ

**ବନ୍ତ, ୨୮।୧୨ (ଡି.ଏନ.ଏ.)**

ରାଜ୍ୟ ବ୍ରାହ୍ମଣ ମହାସଭା ପକ୍ଷରୁ ବନ୍ତ ବ୍ଲକ ଆଡିଆଠାରେ ସଙ୍ଗଠନ ବୈଠକ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ଶଙ୍କର୍ଷଣ ରଥ ସଭାପତିତ୍ୱ କରିଥିଲେ। ବନ୍ତ ବ୍ଲକ ସଭାପତି ରତ୍ନାକର ଦାଶ, ସମ୍ପାଦକ ସିଦ୍ଧେଶ୍ୱର ପଣ୍ଡା, ଯୁଗ୍ମ ସମ୍ପାଦକ ଯୁଧିଷ୍ଠିର ପଣ୍ଡା, ଜିଲା ଉପସଭାପତି ଗୌରାଙ୍ଗ ଚନ୍ଦ୍ର କର ପ୍ରମୁଖ ଯୋଗଦେଇ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଆଡ଼ିଆ ପଞ୍ଚାୟତ କମିଟି ଗଠନ କରାଯାଇଥିଲା। ପଣ୍ଡିତ ଶଙ୍କର୍ଷଣ ରଥ ସଭାପତି, ଗୌରାଙ୍ଗ ଚରଣ ତ୍ରିପାଠୀ ଉପସଭାପତି, ରଘୁନାଥ ପଣ୍ଡା ସମ୍ପାଦକ, ସୁଶାନ୍ତ କୁମାର ପଣ୍ଡା ସହସମ୍ପାଦକ ଭାବେ ମନୋନୀତ ହୋଇଥିଲେ। ସେହିପରି ବୈଦ୍ୟନାଥ ଦାଶ ଯୁବବାହିନୀ ସଭାପତି, ନଟବର ପଣ୍ଡା ଉପସଭାପତି, ହୃଷୀକେଶ ମିଶ୍ର ସମ୍ପାଦକ ଓ ଗଣେଶ ପଣ୍ଡାଙ୍କୁ ସହସମ୍ପାଦକ ଭାବେ ଚୟନ କରାଯାଇଥିଲା। ଉପଦେଷ୍ଟା ଭାବେ ନାରାୟଣ ତ୍ରିପାଠୀ, ପରମାନନ୍ଦ ପଣ୍ଡା, ଲକ୍ଷ୍ମୀଧର ପଣ୍ଡା, ପର୍ଶୁରାମ କର, ବସନ୍ତ ପଣ୍ଡା, ନିରାକାର ରଥ, ଭୋଳାନାଥ ଦାଶ ପ୍ରମୁଖ ମନୋନୀତ ହୋଇଥିଲେ। ବିରେନ୍ଦ୍ର କୁମାର ତ୍ରିପାଠୀ, ଗୋବର୍ଦ୍ଧନ ଷଡ଼ଙ୍ଗୀ, ଭାବଗ୍ରାହୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଡିଭାଇନ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ

**ବାସୁଦେବପୁର, ୨୮।୧୨ (ଡି.ଏନ.ଏ.)**

ବାସୁଦେବପୁର ବେତଡ଼ାସ୍ଥିତ ଡିଭାଇନ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ପୂର୍ବତନ ପ୍ରଧାନଶିକ୍ଷକ ପୁରୁଷୋତ୍ତମ ସାହୁ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମାର୍କୋଣା ଆର୍.ଏନ୍ ହାଇସ୍କୁଲ ପ୍ରଧାନଶିକ୍ଷକ ଜିତେନ୍ଦ୍ର କୁମାର ବେହେରା ମୁଖ୍ୟଅତିଥି, ମଇତାପୁରର ରୟାଲ ସ୍କୁଲ ନିର୍ଦ୍ଦେଶକ ପଦ୍ମଲୋଚନ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ଶ୍ରୀଧର କୁମାର ନାୟକ, ପ୍ରଶାନ୍ତ କୁମାର ମହାନ୍ତି, ସରପଞ୍ଚ ବସନ୍ତ ମଞ୍ଜରୀ ବିଶ୍ୱାଳ, ଅବସରପ୍ରାପ୍ତ ସିଆର୍‌ସିସି ସୁରେନ୍ଦ୍ର ପ୍ରସାଦ ବେଜ, ଡିଭାଇନ ପବ୍ଲିକ ସ୍କୁଲର ପୂର୍ବତନ ଅଧ୍ୟକ୍ଷ କାମିନୀକାନ୍ତ ପାଣି, ଶିକ୍ଷାନୁଷ୍ଠାନ ସଭାପତି କ୍ଷେତ୍ରମୋହନ ପାଣିଗ୍ରାହୀ ଓ ସମ୍ପାଦକ ରାମନାରାୟଣ ପାଣିଗ୍ରାହୀ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ସଭାରେ ଅଧ୍ୟକ୍ଷ ଶରତ ଚନ୍ଦ୍ର ପଣ୍ଡା ସଭାପତିତ୍ୱ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଭିନ୍ନ ବିଭାଗରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

## 'ହୋ' ସମାଜ ସଚେତନତା ଶିବିର



ସଚେତନତା ଶିବିରରେ ଅତିଥିମାନେ।

**ଆନନ୍ଦପୁର, ୨୮।୧୨ (ସ୍ୱ.ପ୍ର.)**

ଘସିପୁରା ବ୍ଲକ ଗୋହିରା ପଞ୍ଚାୟତ କଳାବିଲାଠାରେ 'ହୋ'ସମାଜ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝର ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ରାମରାୟ ମୁଣ୍ଡୟାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଘସିପୁରା ବ୍ଲକ ପୂର୍ବତନ ଅଧ୍ୟକ୍ଷ ଦେବାଶିଷ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଗୋହିରାର ପୂର୍ବତନ ସରପଞ୍ଚ ପ୍ରସନ୍ନ କୁମାର ପାତ୍ର, ଉନ୍ନୟନ ପରିଷଦ ଉପାଧ୍ୟକ୍ଷ ମୀନା ମାଝି ପ୍ରମୁଖ ଉପସ୍ଥିତ ରହି ହୋ ଭାଷାର ସ୍ୱତନ୍ତ୍ରତା ସମ୍ପର୍କରେ ଉପସ୍ଥିତ ଲୋକଙ୍କୁ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ବିଜୁ ଯୁବ ବାହିନୀର ସଦସ୍ୟ ପ୍ରଭଞ୍ଜନ ଚକ୍ର, ଅନିଲ୍ କୁମାର ପାତ୍ର, ପ୍ରସନ୍ନ କୁମାର ଦାସ, ସନ୍ଦୀପ ବେସ୍ରା ପ୍ରମୁଖ ସେବାମୂଳକ କାର୍ଯ୍ୟ ସମ୍ପାଦନ କରିଥିଲେ।

# ଟ୍ରେନ ଲାଇନରୁ ଛାତ୍ରଙ୍କ ମୃତଦେହ ଉଦ୍ଧାର

**ଭଦ୍ରକ ଅଫିସ, ୨୮।୧୨ (ଡି.ଏନ୍.ଏ.)**

ଭଦ୍ରକ ଗବସାହି ନିକଟ ରେଳ ଧାରଣାରୁ ଶୁକ୍ରବାର ସନ୍ଧ୍ୟାରେ ଜଣେ ଛାତ୍ରଙ୍କ ମୃତଦେହ ରେଲୱେ ପୋଲିସ ଉଦ୍ଧାର କରିଛି। ମୃତ ଛାତ୍ର ସ୍ଥାନୀୟ ଏସ୍‌ବିଡି ଇଣ୍ଟରନ୍ୟାସନାଲ ସ୍କୁଲର ସବୁନ କାନନୀ ବୋଲି ଜାଣିବାକୁ ମିଳିଛି। ରେଳଧାରଣା ନିକଟରେ ତାଙ୍କ ସ୍କୁଟି ଥିବାରୁ ସେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। କାରଣ ଅସ୍ପଷ୍ଟ ରହିଛି। ରିପୋର୍ଟ ଲେଖା ଯିବା ସୁଦ୍ଧା ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିଲା।

# ଶିକ୍ଷାବିତ୍ ଅଭିରାମଙ୍କୁ ଶ୍ରଦ୍ଧାଞ୍ଜଳି

**ଭଣ୍ଡାରିପୋଖରୀ, ୨୮।୧୨ (ଡି.ଏନ.ଏ.)**

ଭଣ୍ଡାରିପୋଖରୀ ବ୍ଲକ ବିଷ୍ଣୁପୁର ପଞ୍ଚାୟତ ବଡ଼ବ୍ରାହ୍ମଣ ସାହି ଗ୍ରାମର ପୂର୍ବତନ ଆଦର୍ଶ ପ୍ରଧାନଶିକ୍ଷକ ଅଭିରାମ ପଣ୍ଡାଙ୍କ ସ୍ମୃତିସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟିକ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ ସଞ୍ଚାଳନା କରିଥିଲେ। ନାଟ୍ୟକାର ସୁଧାକର ନନ୍ଦ, ଅରୁଣ ବାରିକ, ଅରୁଣ ଖିଲାର, ରଘୁନାଥ ସାହୁ, ପୁରୁଷୋତ୍ତମ ଧଳ, ହୃଷୀକେଶ ପାଣି, ରମେଶ ପଣ୍ଡା, ଗୟାଧର ସାମଲ, ଏବିଇଓ ଧୀରେନ୍ଦ୍ର ନାଥ ଦାଶ, ଭବାନୀଶଙ୍କର ମିଶ୍ର ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ସ୍ମରଣିକା 'ଅମ୍ଲାନ ଅଭିରାମ' ଲୋକାର୍ପିତ ହୋଇଥିଲା। ପୁରାତନ ଛାତ୍ର ପ୍ରଦୀପ୍ତ ମହାପାତ୍ର, ଜଗବନ୍ଧୁ ସ୍ୱାଇଁ, ଘନଶ୍ୟାମ ସ୍ୱାଇଁ, ପରେଶ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

# ବିଦ୍ୟାଳୟର ୧୭ତମ ବାର୍ଷିକ କ୍ରୀଡ଼ା ଉତ୍ସବ

**ବାସୁଦେବପୁର, ୨୮।୧୨ (ଡି.ଏନ.ଏ.)**

ବାସୁଦେବପୁର ପୌରପାଳିକାସ୍ଥିତ ଗୋପାଳପୁର ମାତୃଭୂମି ପଡ଼ିଆରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଗବେଷଣା କେନ୍ଦ୍ରର ୧୭ତମ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମାତୃ ସମ୍ମିଳନୀ ହୋଇଥିଲା। ମୁଖ୍ୟଅତିଥି ଭାବେ ବିଇଓ ରବୀନ୍ଦ୍ର ନାରାୟଣ ମଲିକ ଯୋଗଦେଇ କ୍ରୀଡ଼ା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଔପଦା ଶିକ୍ଷାକେନ୍ଦ୍ର ଅଧ୍ୟକ୍ଷ ପ୍ରଦୀପ କୁମାର ଧଳ, ସିଆର୍‌ସିସି ଅମିୟ କୁମାର ପାଣିଗ୍ରାହୀ, ବାଲେଶ୍ୱର ମହିଳା ସଙ୍ଗଠନ ଆବାହିକା ସଞ୍ଜୁ ଅପା ଯୋଗ ଦେଇଥିଲେ। ଛାତ୍ରୀଛାତ୍ର କ୍ରୀଡ଼ା କୌଶଳ ପ୍ରଦର୍ଶନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ପ୍ରଧାନଶିକ୍ଷକ ମଧୁସୂଦନ ଦାସ ଯୋଗଦେଇ ଜୀବନରେ ସଫଳତା ନୁହେଁ ଶ୍ରୀଅରବିନ୍ଦଙ୍କ ଭାଷାରେ ପୂର୍ଣ୍ଣତା ହିଁ ଛାତ୍ରୀଛାତ୍ରଙ୍କ ଲକ୍ଷ୍ୟ ହେବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ନବଜୀବନ ଶିକ୍ଷା ସଂସଦ ସଂଯୋଜକ ନାରାୟଣ ଅଗସ୍ତୀ ସଭାରେ ପୌରୋହିତ୍ୟ କରିଥିଲେ। ପ୍ରଧାନଶିକ୍ଷକ ଅମରନାଥ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଅନୁଷ୍ଠାନର ସଭାପତି ଭକ୍ତରଞ୍ଜନ ଅଗସ୍ତୀ ଅତିଥି ପରିଚୟ ପ୍ରଦାନ ଓ ସମ୍ପାଦକ ପ୍ରଶାନ୍ତ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

■ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ

# ୨୬୨ ପ୍ରକଳ୍ପ ଲାଗି ୭ କୋଟି ୭୫ ଲକ୍ଷ

**ଧାମନଗର, ୨୮।୧୨ (ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ବ୍ଲକ କାଟଣାପାହିସ୍ଥିତ ବିଜୁ ପଟ୍ଟନାୟକ ଷ୍ଟାଡିୟମରେ ଶୁକ୍ରବାର ରାଜ୍ୟ ସରକାରଙ୍କ 'ଆମ ଗାଁ ଆମ ବିକାଶ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଯୋଜନା ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂରେ ୨୬୨ଟି ପ୍ରକଳ୍ପ ପାଇଁ ମୋଟ ୭ କୋଟି ୭୫ ଲକ୍ଷ ଟଙ୍କା ମଞ୍ଜୁର ନେଇ ଘୋଷଣା କରିଛନ୍ତି। ଏଥିସହ ଠିକ୍ ସମୟରେ କାର୍ଯ୍ୟ ଶେଷ ଓ ଉନ୍ନତମାନର କାର୍ଯ୍ୟ କରାଯିବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। କାର୍ଯ୍ୟକ୍ରମରେ ପ୍ରାୟ ୩୦ ହଜାର ମହିଳା ଓ ପୁରୁଷଙ୍କ ସମାଗମ ହୋଇଥିଲା। ଜିଲାପାଳ ଜ୍ଞାନରଞ୍ଜନ ଦାସ, ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଏମ୍‌ପି ଅର୍ଜୁନ ଚରଣ ସେଠୀଙ୍କ ଉପସ୍ଥିତିରେ ପ୍ରକଳ୍ପ ଘୋଷଣା ହୋଇଥିଲା। ବନ୍ୟା ପ୍ରପୀଡ଼ିତ ଧାମନଗର ବ୍ଲକରେ ବିଭିନ୍ନ ନଦୀ ସଂସ୍କାର ଯୋଜନା ପରେ ବନ୍ୟା ନିୟନ୍ତ୍ରଣ ହୋଇଥିବା, କୃଷିର ଉନ୍ନତି ସକାଶେ କୋଚିଲା ବ୍ୟାରେଜ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର, ଧାମନଗରକୁ ଏନ୍‌ଏସି ମାନ୍ୟତା, କାଟଣାପାହି ପଡ଼ିଆରେ ଷ୍ଟାଡିୟମ ନିର୍ମାଣ, ଶହୀଦ ନଗର, ଗୋହିରା ଟିକିରିକୁ ପର୍ଯ୍ୟଟନ ସ୍ଥଳୀ ମାନ୍ୟତା ଏବଂ ଉନ୍ନତୀକରଣ, ମଙ୍ଗଳପୁର ଛକରେ ବିଶାଳ ତୋରଣ, ଅସୁରାଳି ବରୁଣାଇ ପୀଠର ଉନ୍ନତୀକରଣ, କୋଠାର ବାଇପାସ୍ ରାସ୍ତା ନିର୍ମାଣ, ଗାନ୍ଧୀଘାଟ ଉନ୍ନତୀକରଣ, ବୈତରଣୀ ନଦୀର ପଲ୍ଲାସାହିଠାରେ ପକ୍କାପୋଲ ଓ କୋଚିଲା ପୋଲ ନିର୍ମାଣ, ଆଦର୍ଶ ବିଦ୍ୟାଳୟ, ଜିଲା ଜରା ନିବାସ, ଦୁଗ୍ଧ ଶୀତଳୀକରଣ ଏବଂ ଶବ ବ୍ୟବଚ୍ଛେଦ କେନ୍ଦ୍ର ଆଦି କାର୍ଯ୍ୟ ସମ୍ପନ୍ନ ହୋଇଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦିଆଯାଇଥିଲା। ଭଦ୍ରକ ଜିଲା ପରିଷଦ ଅଧ୍ୟକ୍ଷ ଦ୍ୱିଜବର ରାଉତ, ପ୍ରକଳ୍ପ ଅଧିକାରୀ ମଧୁସୂଦନ ମିଶ୍ର, ବିଡିଓ ଦୁର୍ଗାଚରଣ ମୁର୍ମୁ, ତହସିଲଦାର ଅଭିପ୍ସା ପଟ୍ଟନାୟକ, ସିଡିପିଓ ନମିତା ଦାସ, ବିଜେଡି ବ୍ଲକ ସଭାପତି ରଘୁନାଥ ଲେଙ୍କା, ସୁରତୀ ନାୟକ, ବିଦ୍ୟୁତଲତା ନାୟକ, ଅଜୟ କୁମାର ନାୟକ, ରାଜ୍ୟ ପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ, ଜିଲା ଭିଜିଲାନ୍ସ ମନିଟରିଂ ସଭ୍ୟ ହରେକୃଷ୍ଣ ପାଢୀ, ବିଜୁ ଯୁବବାହିନୀର ସୁଶାନ୍ତ ନାୟକ, ଭାନୁପ୍ରକାଶ ପଲାଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂରେ ପ୍ରକଳ୍ପ ଘୋଷଣା କରୁଛନ୍ତି।

# ମୋଦିଙ୍କ ଗସ୍ତ ପୂର୍ବରୁ ବିଜେଡିର ଶକ୍ତି ପ୍ରଦର୍ଶନ

ବାରିପଦା ଅଫିସ,୨୮।୧୨

ବାରିପଦା ବିଜୁ ଭବନ ତଥା ଜିଲା ବିଜେଡି କାର୍ଯ୍ୟାଳୟରେ ବିଜେଡି ପକ୍ଷରୁ ଶୁକ୍ରବାର ଏକ ବିରାଟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୋଦିଙ୍କ ବାରିପଦା ଗସ୍ତ ପୂର୍ବରୁ ଏହା ବିଜେଡିର ଶକ୍ତି ପ୍ରଦର୍ଶନ ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି। ଯୁବ ବିଜେଡିର ଉତ୍ତର ଓଡିଶା ଜୋନ୍ ସଭାପତି ସୁବ୍ରମଣ୍ୟମ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବାରିପଦା ବିଧାୟକ ତଥା ଓଡ଼ିଶା ବିଧାନସଭା ଉପବାଚସ୍ପତି ସାନନ୍ଦ ମାରାଣ୍ଡି ଉପସ୍ଥିତ ରହି ସମବେତ କର୍ମୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ପ୍ରୋଟୋକଲ ବାହାରକୁ ଯାଇ ପ୍ରଥମ ଥର ପାଇଁ ଉପବାଚସ୍ପତି ଏପରି ଦଳୀୟ ସମାବେଶରେ ଉଦ୍‌ବୋଧନ ଦେବା ଏବେ ଜିଲା ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ସାମ୍ବିଧାନିକ ପଦବୀରେ ଥାଇ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେବା କଥା ନୁହେଁ ବୋଲି ବିରୋଧୀ ସମାଲୋଚନା କରୁଥିବା ବେଳେ କର୍ମୀ କିନ୍ତୁ ଉତ୍ସାହିତ ଥିବା ଦେଖିବାକୁ ମିଳିଥିଲା।


ଦଳୀୟ ସଭାରେ ଉପବାଚସ୍ପତି ସାନନ୍ଦ ମାରାଣ୍ଡି କର୍ମୀଙ୍କୁ ଉଦ୍‌ବୋଧନ ଦେଉଛନ୍ତି।

ସେହିପରି ଜାନୁୟାରୀ ଦ୍ୱିତୀୟ ସପ୍ତାହରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାରିପଦା ଗସ୍ତରେ ଆସିବା ନେଇ ଉପବାଚସ୍ପତି ସୂଚନା ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଜିଲା ପାଇଁ ସ୍ୱତନ୍ତ୍ର ପ୍ୟାକେଜ୍ ତଥା ପ୍ରକଳ୍ପ ଘୋଷଣା କରିବେ ବୋଲି ବିଶ୍ୱସ୍ତ ସୂତ୍ରରୁ ପ୍ରକାଶ।

ଯୁବ ବିଜେଡି ସଭାପତି ଜିତେନ୍ଦ୍ର ମହାନ୍ତି ସ୍ୱାଗତ ଭାଷଣ ଦେଇଥିବା ବେଳେ ଜିଲା କାର୍ଯ୍ୟକାରୀ ସଭାପତି ଦେବାଶିଷ ମହାନ୍ତି ମୋଦିଙ୍କ ବାରିପଦା ଗସ୍ତ କାର୍ଯ୍ୟକ୍ରମ ଜିଲା ରାଜନୀତିରେ କୌଣସି ପ୍ରଭାବ ପକାଇବ ନାହିଁ ବୋଲି ଉଦ୍‌ବୋଧନ ଦେବା ଅବସରରେ ମତ ଦେଇଥିଲେ। କେନ୍ଦ୍ର ସରକାର ସବୁବେଳେ ମୟୂରଭଞ୍ଜ ଜିଲା ପ୍ରତି ଅବହେଳା କରୁଥିବା ସେ ଅଭିଯୋଗ କରିଥିଲେ। ଜିଲାକୁ ବିଆରଜିଏଫ୍, ଆଇଏପି ପାଣ୍ଠି ପ୍ରଦାନ କ୍ଷେତ୍ରରେ ପାତରଅନ୍ତର, ଜିଲାର ରେଳ ସେବାର ବିକାଶ ପ୍ରତି ଗୁରୁତ୍ୱ ଦେଉ ନ ଥିବା ଏବଂ ମେଡିକାଲ କଲେଜକୁ ଏଲଓପି(ଲେଟର ଅଫ ପର୍‌ମିସନ) ପ୍ରଦାନ କରିବାରେ କେନ୍ଦ୍ର ସରକାର ଯେଉଁଭଳି ମନୋଭାବ ପ୍ରତିପୋଷଣ କରିଥିଲେ, ତାହା ଜିଲାବାସୀ ଭୁଲିନାହାନ୍ତି ବୋଲି କହିଥିଲେ। ସେହିପରି ବଡ଼ସାହି ବିଧାୟକ ଗଣେଶ୍ୱର ପାତ୍ର ମଧ୍ୟ ଉପସ୍ଥିତ କର୍ମୀଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଠାକୁରଙ୍କ ସହ ତୁଳନା କରିଥିଲେ, ଯାହା ସଭାସ୍ଥଳରେ ଆଲୋଚନାର ବିଷୟ ପାଲଟିଥିଲା। ରାଜ୍ୟ ବିଜେଡି ମୁଖପାତ୍ର ତଥା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଦେବାଶିଷ ମାରାଣ୍ଡି, ବାଙ୍ଗିରିପୋଷି ବିଧାୟକ ସୁଦାମ ମାରାଣ୍ଡି, ବାରିପଦା ସହର ପର୍ଯ୍ୟବେକ୍ଷକ ମାନସ ମଲିକ, କାଉନ୍‌ସିଲର କୃଷ୍ଣାନନ୍ଦ ମହାନ୍ତି, ସରୋଜ ମହାପାତ୍ର, ବାରିପଦା ପୌର ପରିଷଦ ନଗରପାଳ ବବିତା ଦାସ, ପୂର୍ବତନ ବିଧାୟକ ଛତିସ ଧଳ ପ୍ରମୁଖ ନବୀନ ସରକାରଙ୍କ ବିକାଶମୂଳକ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ମହିଳା ସାଧାରଣ ସମ୍ପାଦିକା ସମ୍ପା ମଜୁମ୍‌ଦାର, ଜିଲା ମହିଳା ସଭାନେତ୍ରୀ ବୀଣାପାଣି ସାହୁ, କାଉନ୍‌ସିଲର ଦେବାଶିଷ ପାତ୍ର, ପୂର୍ବତନ ଉପନଗରପାଳ ଦୀପ୍ତିଲତା ମିଶ୍ର, ପୂର୍ବତନ କାଉନ୍‌ସିଲର ଅନନ୍ତ ଦାସ ଏବଂ ବାରିପଦା ପୌର ପରିଷଦର ସମସ୍ତ ବିଜେଡି କାଉନ୍‌ସିଲର ଓ ଆଗଧାଡିର ସମସ୍ତ ବିଜେଡି ନେତୃବୃନ୍ଦ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲା ଛାତ୍ର ବିଜେଡି ସଭାପତି ଅଭୟ ସିଂଙ୍କ ନେତୃତ୍ୱରେ ୧୦୦ ରୁ ଉର୍ଦ୍ଧ୍ୱ ଛାତ୍ରନେତା ବିଜେଡିରେ ସାମିଲ ହୋଇଥିଲେ। ସେହିପରି ଏହି କର୍ମୀ ସମ୍ମିଳନୀରେ ବାରିପଦା ନିର୍ବାଚନ ମଣ୍ଡଳୀର ପ୍ରାୟ ୫ ହଜାରରୁ ଉର୍ଦ୍ଧ୍ୱ ମହିଳା କର୍ମୀ ଉପସ୍ଥିତ ଥିଲେ। ପ୍ରକାଶଥାଉ କି, ଆସନ୍ତା ୫ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବାରିପଦା ଗସ୍ତ କାର୍ଯ୍ୟକ୍ରମ ରହିଛି। ଏହି କର୍ମୀ ସମ୍ମିଳନୀକୁ ମୋଦିଙ୍କ ଗସ୍ତ ପୂର୍ବରୁ ବିଜେଡିର ଶକ୍ତି ପ୍ରଦର୍ଶନ ବୋଲି କୁହାଯାଉଛି।

**ବିଜେଡି କର୍ମୀ ସମ୍ମିଳନୀ**
- ପ୍ରଥମ ଥର ପାଇଁ ଦଳୀୟ ସଭାରେ ଉପବାଚସ୍ପତି
- ଜାନୁୟାରୀ ଦ୍ୱିତୀୟ ସପ୍ତାହରେ ବାରିପଦା ଆସିବେ ମୁଖ୍ୟମନ୍ତ୍ରୀ

## ସଂକ୍ଷେପରେ

### 'ସବୁ ପଞ୍ଚାୟତରେ ଧାନ କ୍ରୟ କେନ୍ଦ୍ର ଖୋଲ'



ଭଞ୍ଜକିଆ,୨୮।୧୨(ଡି.ଏନ.ଏ): ବିଭିନ୍ନ ଦାବି ନେଇ ମୟୂରଭଞ୍ଜ ଜିଲା ରରୁଆଁ ବ୍ଲକର ଶତାଧିକ ଜନସାଧାରଣ ଏସ.ୟୁ.ସି.ଆଇ(କମ୍ୟୁନିଷ୍ଟ) ନେତୃତ୍ୱରେ ରରୁଆଁ ବ୍ଲକ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ପୂର୍ବତନ ବିଧାୟକ ଶମ୍ଭୁନାଥ ନାୟକ ଏହାର ନେତୃତ୍ୱ ନେଇଥିଲେ । ଦାବି ମଧ୍ୟରେ ଶ୍ରମିକଙ୍କ ମଜୁରୀ ବୃଦ୍ଧି, ବୁଢାମରା ଲ୍ୟାମ୍ପସରେ ଧାନ କେନ୍ଦ୍ର କରିବା, ସବୁ ପଞ୍ଚାୟତରେ ଧାନ କ୍ରୟ କେନ୍ଦ୍ର ଖୋଲିବା, ଚାଷୀଙ୍କୁ କୁଇଣ୍ଟାଲ ପ୍ରତି ଅଧିକ ୫୦୦ ଟଙ୍କା ବୋନସ, ଘାଘରବେଡା ସମେତ ସମସ୍ତ ଡାକ୍ତରଖାନାରେ ଆବଶ୍ୟକ ଅନୁସାରେ ଡାକ୍ତର ଓ କର୍ମଚାରୀ ନିଯୁକ୍ତି ଆଦି ଦାବି ରହିଛି। ପ୍ରଥମେ ରରୁଆଁ ବସଷ୍ଟାଣ୍ଡରୁ ବିକ୍ଷୋଭକାରୀମାନେ ବ୍ଲକ ଅଫିସ ପର୍ଯ୍ୟନ୍ତ ଯାଇ ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଯୋଗେନ୍ଦ୍ର ନାଥ ମହାନ୍ତଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପୂର୍ବତନ ବିଧାୟକ ଶମ୍ଭୁନାଥ ନାଏକ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ବିଜେଡି ସରକାରଙ୍କୁ ଚାଷୀ ବିରୋଧୀ ବୋଲି କହି କ୍ଷୋଭ ପ୍ରକାଶ କରିଥିଲେ। ପାର୍ଟିର ଜିଲା ସମ୍ପାଦକ ସାଦ ବଡ୍ରା, ସଙ୍ଗଠକ ମନୋଜ ମହାନ୍ତ ପ୍ରମୁଖ ବିଡିଓଙ୍କୁ ଏକ ଦାବି ପତ୍ର ପ୍ରଦାନ କରିଥିଲେ।

### ପିକ୍‌ଅପ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ

ରାଇରଙ୍ଗପୁର,୨୮।୧୨(ଡି.ଏନ୍.ଏ.): ବାଦାମପାହାଡ଼ ଥାନା ଅନ୍ତର୍ଗତ ଡୁଭା ଗ୍ରାମ ରାସ୍ତାରେ ଏକ ପିକ୍‌ଅପ୍ ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ମୃତ ଯୁବକ ବାଦାମପାହାଡ଼ ଥାନା ଅନ୍ତର୍ଗତ ଟେଣ୍ଟପୋଷି ଗ୍ରାମର ସହଦେବ ମାଝୀ । ପୋଲିସ ମୃତ ଯୁବକଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ପିକ୍‌ଅପ୍ ଭ୍ୟାନକୁ ଜବତ କରି ଏକ ମାମଲା (ନଂ ୫୪/୧୮) ରୁଜୁ କରିଛି।

### ନଦୀରେ ବୁଡ଼ି ମହିଳା ମୃତ

ରାଇରଙ୍ଗପୁର,୨୮।୧୨(ଡି.ଏନ୍.ଏ.): ଯାମଦା ଥାନା ଅନ୍ତର୍ଗତ କୁଚେଇପାଳ ଗ୍ରାମର ସୁପାର ହାଁସଦାଙ୍କ ପତ୍ନୀ ରାଣୀ ହାଁସଦା(୪୭) ନିକଟସ୍ଥ କାହ୍ନୁ ନଦୀରେ ଖସି ପ୍ରାଣ ହରାଇଛନ୍ତି। ଗୁରୁବାର ସନ୍ଧ୍ୟାରେ ରାଣୀ ନଦୀକୁ ଯାଇ ଘରକୁ ଫେରି ନ ଥିଲେ। ଖବରପାଇ ପୋଲିସ ଶୁକ୍ରବାର ଖୋଜାଖୋଜି ପରେ ରାଣୀଙ୍କ ମୃତଦେହ ଜବତ କରି ରାଇରଙ୍ଗପୁର ହସ୍ପିଟାଲରେ ବ୍ୟବଚ୍ଛେଦ କରାଇଛି। ଏନେଇ ଏକ ମାମଲା (ନଂ ୧୮/୧୮) ରୁଜୁ ହୋଇଛି।

### କୃଷକ ସମ୍ପର୍କ ମେଳା



ଉଦଳା, ୨୮।୧୨ (ଡି.ଏନ.ଏ): ଉଦଳା ବ୍ଲକ ଅଧୀନ ଖଣ୍ଡିହୁଡି ତାରିଣୀ ପୀଠ ନିକଟରେ ବ୍ଲକସ୍ତରୀୟ କୃଷକ ସମ୍ପର୍କ ମେଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । କପ୍ତିପଦା ଜିଲା କୃଷି ଅଧିକାରୀ ମନୋରଞ୍ଜନ ମହାପାତ୍ରଙ୍କ ସମେତ ଜିଲା କୃଷି ଉପନିର୍ଦ୍ଦେଶକ ଦାମୋଦର ସେଠୀ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ବ୍ଲକ ଅଧ୍ୟକ୍ଷା କାରମୀ ମୁର୍ମୁ, ଭୀମତାଳି ସରପଞ୍ଚ ପାର୍ବତୀ ସିଂ, ବିଧାୟକ ପ୍ରତିନିଧି ଅମୀୟ କୁମାର ବଳ, ସାଂସଦ ପ୍ରତିନିଧି କୃଷ୍ଣଚୈତନ୍ୟ ସଦୁଆଳ ପ୍ରମୁଖ ଯୋଗ ଦେଇଥିଲେ । ତା ଛଡା ସ୍ଥାନୀୟ ବ୍ଲକର ୧୨ ଗୋଟି ପଞ୍ଚାୟତର ଶତାଧିକ ଚାଷୀ ଏହି ମେଳାରେ ଯୋଗ ଦେଇଥିଲେ । ବିଭିନ୍ନ ରୋଗ ପୋକ ଦାଉରୁ ଫସଲକୁ ରକ୍ଷା କରିବା ନିମନ୍ତେ ଅଧିକାରୀମାନେ ଚାଷୀଙ୍କୁ ପରାମର୍ଶ ଦେଇଥିଲେ । ଏହି ସଚେତନତା ମେଳାରେ ଟ୍ରାକ୍ଟର ଏବଂ ପାୱାର ଟ୍ରିଲର ବାବଦରେ ଚାଷୀମାନଙ୍କୁ ଅବଗତ କରାଯାଇଥିଲା। ବିଶେଷକରି ରାସାୟନିକ ସାମଗ୍ରୀ ବ୍ୟବହାରକୁ ବର୍ଜନ କରି ଜୈବିକ ଉପାୟରେ ଫସଲ ଉତ୍ପାଦନ କରିବାକୁ ଅଧିକାରୀମାନେ ଚାଷୀଙ୍କୁ ପରାମର୍ଶ ଦେଇଥିଲେ ।

## ଆତ୍ମସୁରକ୍ଷା ତାଲିମ ଶିବିର

କୁଆମରା,୨୮।୧୨(ଡି.ଏନ୍.ଏ.)

ଗୋପବନ୍ଧୁନଗର ବ୍ଲକ ଅନ୍ତର୍ଗତ ପଞ୍ଚାପଲୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଗୁଣାକାର ଦାସ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ଏଥିରେ ମୋଟ ୭୧ ଛାତ୍ରୀ ତାଲିମ ନେଇଛନ୍ତି। ଅନୁପମା ଦାସ ଟ୍ରେନର ଭାବେ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ଯୋଜନା ଅଧିକାରୀ ଅଧାପିକା ଉର୍ମିଳା ନାୟକ ଓ ଖେଳ ଅଧାପକ କାର୍ତ୍ତିକ ମହାପାତ୍ରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା। ଉଦ୍‌ଯାପନୀ ସଭା ଅଧ୍ୟକ୍ଷ ଗୁଣାକାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା।

## କଂଗ୍ରେସର ପ୍ରତିଷ୍ଠା ଦିବସ

ବଡ଼ସାହି,୨୮।୧୨(ସ୍ୱ.ପ୍ର)

ଜାତୀୟ କଂଗ୍ରେସର ୧୩୪ତମ ପ୍ରତିଷ୍ଠା ଦିବସ ବଡ଼ସାହି ବ୍ଲକ କଂଗ୍ରେସ କାର୍ଯ୍ୟାଳୟ ପରିସରରେ ଦଳର ପୂର୍ବତନ ବ୍ଲକ ସଭାପତି ଗୁଣନିଧି ମହାନ୍ତିଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ବରିଷ୍ଠ କଂଗ୍ରେସ ନେତା ପ୍ରକାଶ ଚନ୍ଦ୍ର କରମହାପାତ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ବଳ, ବିରଞ୍ଚି ନାରାୟଣ ମହାପାତ୍ର ଉପସ୍ଥିତ ଥିଲେ ।

## 'କରଞ୍ଜିଆରେ କାମ କରିବ କ୍ଷେତ୍ର ବନଖଣ୍ଡ'

ଠାକୁରମୁଣ୍ଡା,୨୮।୧୨(ଡି.ଏନ.ଏ.)

କରଞ୍ଜିଆ ବନଖଣ୍ଡ ଉଚ୍ଛେଦ ପ୍ରତିବାଦରେ ୨୭ତାରିଖର ପାଞ୍ଚପୀଢ ବନ୍ଦ ହେବା ପରେ ପ୍ରଶାସନିକ ଅଧିକାରୀଙ୍କ ଚେତା ପଶିଛି। କରଞ୍ଜିଆରେ ପୂର୍ବ ପରି ଏହି କାର୍ଯ୍ୟାଳୟ ଚାଲୁ ରହିବ ବୋଲି ପ୍ରଧାନ ମୁଖ୍ୟ ବନସଂରକ୍ଷକ ପ୍ରତିଶ୍ରୁତି ଦେଇଛନ୍ତି। ଏନେଇ ଉପଜିଲାପାଳ ଜଣାଇବା ପରେ ଶୁକ୍ରବାର ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। କରଞ୍ଜିଆ ବାର ଆସୋସିଏସନ ନେତୃତ୍ୱରେ ଏକ ଟିମ୍ ବାରିପଦା ଯାଇ ପ୍ରଧାନ ମୁଖ୍ୟ ବନସଂରକ୍ଷକ ଦେବବ୍ରତ ସ୍ୱାଇଁଙ୍କ ସହିତ ଆଲୋଚନା କରିଥିଲେ । ପୂର୍ବ ପରି କରଞ୍ଜିଆରେ ଏହି ବନଖଣ୍ଡ କାର୍ଯ୍ୟାଳୟ କାମ କରିବ ବୋଲି ସେ ଘୋଷଣା କରିଥିଲେ । ଉପଜିଲାପାଳ ଶରତ କୁମାର ପୁରୋହିତ,ବିଧାୟକ ବିଜୟ କୁମାର ନାଏକ ପ୍ରମୁଖ ପହଞ୍ଚି ଶୁକ୍ରବାର କାର୍ଯ୍ୟାଳୟରେ ପଡିଥିବା ତାଲା ଖୋଲିଥିଲେ।

## ସ୍କୁଲ ଜମି ଜବରଦଖଲ ଅଭିଯୋଗ

ବଡ଼ସାହି,୨୮।୧୨(ସ୍ୱ.ପ୍ର)

ବଡ଼ସାହି ତହସିଲ ଅଧୀନ ବଡ଼ସାହି ଉପ୍ରା ବିଦ୍ୟାଳୟର ଦଖଲଭୁକ୍ତ ଏକ ଗୋଚର ଜମିରେ ଶୌଚାଳୟ ପ୍ରତିଷ୍ଠା କରିବାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ଜବରଦଖଲ ରେକର୍ଡଭୁକ୍ତ ହୋଇଥିବା ଜମିକୁ ଶିକ୍ଷାନୁଷ୍ଠାନକୁ ଫେରସ୍ତ ଦିଆଯିବା ପାଇଁ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ପକ୍ଷରୁ ଦାବି ହୋଇଛି । ଏ ସଂକ୍ରାନ୍ତରେ ଏକ ଦାବିପତ୍ର ମୟୂରଭଞ୍ଜ ଜିଲାପାଳ, ବ୍ଲକ ଶିକ୍ଷାଧିକାରୀ, ତହସିଲଦାର, ପ୍ରଧାନ ଶିକ୍ଷୟିତ୍ରୀ ଓ ଥାନାଧିକାରୀଙ୍କୁ ପ୍ରଦାନ କରାଯାଇଛି । ଉକ୍ତ ଜାଗା ବଡ଼ସାହି ଉପ୍ରା ବିଦ୍ୟାଳୟ ନାମରେ ରେକର୍ଡଭୁକ୍ତ ରହିଛି । ମାତ୍ର ତାହାକୁ ଜନୈକ ବ୍ୟକ୍ତି ଜବରଦଖଲ କରିବାରୁ ଗ୍ରାମର କେତେକ ଯୁବକ ଏହାର ବିରୋଧ କରିଥିଲେ । ପରବର୍ତ୍ତୀ ମୁହୂର୍ତ୍ତରେ ସ୍ଥାନୀୟ ତହସିଲଦାରଙ୍କ ନିର୍ଦ୍ଦେଶରେ ସ୍ଥାନ ଚିହ୍ନଟ ପରେ ଜମିର ମାଲିକାନା ସ୍କୁଲ ନିକଟରେ ଥିବା ଜଣାପଡିଥିଲା । ହେଲେ ଉକ୍ତ ଜମି ସ୍କୁଲକୁ ହସ୍ତାନ୍ତର କରିବା ପରିବର୍ତ୍ତେ ସେଠାରେ ଏକ ଶୌଚାଳୟ କରିବାର ନିଷ୍ପତ୍ତି ନେଇ ସ୍ଥାନୀୟ ଯୁବକମାନେ ଭୂମିପୂଜା କରିଥିଲେ । ହେଲେ ସେଠାରେ ଶୌଚାଳୟ ପରିବର୍ତ୍ତେ ଏକ ପାର୍ଟିର ଦଳୀୟ କାର୍ଯ୍ୟାଳୟ ଓ କନ୍‌ଫରେନ୍ସିଂ ହଲ୍ ନିର୍ମାଣ ହେବ ବୋଲି ଜେଏମ୍‌ଏମ୍ ପକ୍ଷରୁ ଅଭିଯୋଗ ହୋଇଛି । ଏପରି ହେଲେ ଜେଏମ୍‌ଏମ୍ ପକ୍ଷରୁ ମଧ୍ୟ ଅନୁରୂପ ଭାବେ ସେଠାରେ ଏକ ଦଳୀୟ ଅଫିସ କରାଯିବ ବୋଲି ଅଭିଯୋଗରେ ଦର୍ଶାଇଛନ୍ତି । କୌଣସି ରାଜନୈତିକ ଦଳକୁ ଏହି ଗୋଚର ସ୍ଥାନଟି ଦିଆ ନ ଯାଇ ରେକର୍ଡଭୁକ୍ତ ଥିବା ସ୍କୁଲକୁ ଫେରସ୍ତ ଦେବାକୁ ଦାବି କରିଛନ୍ତି । ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଜେଏମ୍‌ଏମ୍ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ଚେତାବନୀ ଦିଆଯାଇଛି।

## ଉଦଳାରେ ବିଜେଡି ପ୍ରତିଷ୍ଠା ଦିବସ

ଉଦଳା, ୨୮।୧୨ (ଡି.ଏନ.ଏ.)


ସଭାରେ ଉପସ୍ଥିତ ବିଜେଡିର ପ୍ରମୁଖ ନେତାଗଣ।

ମୟୂରଭଞ୍ଜ ଜିଲା ଉଦଳା ନିର୍ବାଚନମଣ୍ଡଳୀସ୍ତରୀୟ ବିଜୁ ଜନତା ଦଳର ୨୧ ତମ ପ୍ରତିଷ୍ଠା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି । ସ୍ଥାନୀୟ ଟାଉନ କ୍ଲବ ପରିସରରେ ଦଳ ପକ୍ଷରୁ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା । ଦଳର ଜିଲା ଉପସଭାପତି ମନୋଜ କୁମାର ମହାନ୍ତି ଆୟୋଜିତ ସଭାରେ ଅଧ୍ୟକ୍ଷତା କରିଥିଲେ । ମଞ୍ଚାସୀନ ଅତିଥିଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ୍, ପର୍ଯ୍ୟବେକ୍ଷକ ଦେବପ୍ରିୟ ପାତ୍ର, ଜିଲା ସମ୍ପାଦକ ପ୍ରବୀର ଚନ୍ଦ୍ର ସାଏ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ସଦସ୍ୟ ଶିରୁ ସୋରେନ୍, ଗୋପବନ୍ଧୁନଗର ବ୍ଲକ ସଭାପତି କୁନା ଉପାଧ୍ୟାୟ, ନଗର ସଭାପତି ବନମାଳୀ ବେହେରା ଉପସ୍ଥିତ ଥିଲେ । ଗତ ୨୬ ତାରିଖରେ ବିଜେଡିର ପ୍ରତିଷ୍ଠା ଦିବସ ପାଳନ ଦିବସକୁ ୨୮ ତାରିଖକୁ ପରିବର୍ତ୍ତନ କରାଯାଇଥିଲା ।

## ମେଘାସନ ମହାବିଦ୍ୟାଳୟର ରୌପ୍ୟ ଜୟନ୍ତୀ

କପ୍ତିପଦା,୨୮।୧୨(ଡ଼ି.ଏନ୍.ଏ)

କପ୍ତିପଦା ବ୍ଲକ୍ ନୁଦଡ଼ିହାସ୍ଥିତ ମେଘାସନ ମହାବିଦ୍ୟାଳୟର ରୌପ୍ୟ ଜୟନ୍ତୀ ଉତ୍ସବକୁ ବାଲେଶ୍ୱର ଜିଲ୍ଲାପାଳ ରମେଶ ଚନ୍ଦ୍ର ରାଉତ ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଡ଼. ଫକୀର ଚରଣ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ବିଧାନ ଚନ୍ଦ୍ର ରାୟ, ମୁଖ୍ୟବକ୍ତା ଭାବେ ବାଲେଶ୍ୱର ଖନ୍ତାପଡ଼ାସ୍ଥିତ ଚେତନା ସାହିତ୍ୟ ସଂସଦର ସମ୍ପାଦକ ଶରତ ଚନ୍ଦ୍ର ମହାପାତ୍ର, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ଼. ରମେଶ ଚନ୍ଦ୍ର ନାୟକ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ମୁଖପତ୍ର 'ମେଘାସନୀ' ଉନ୍ମୋଚନ କରାଯାଇଥିଲା। ମହାବିଦ୍ୟାଳୟର ଉନ୍ନତି ଲାଗି ଉଲ୍ଲେଖନୀୟ ଅବଦାନ ପାଇଁ ରୁଦ୍ରନାରାୟଣ ପଳତା, ପଙ୍କଜ କୁମାର ପରିଡ଼ା, ଲଛମନ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଗହୀରମଥାରୁ ୧ ଟ୍ରଲର ଜବତ, ୬ ମତ୍ସ୍ୟଜୀବୀ ଗିରଫ

ରାଜନଗର,୨୮।୧୨(ଡିଏନଏ)

ରାଜନଗର ବ୍ଲକର ଭିତରକନିକା ସଂଲଗ୍ନ ଗହୀରମଥା ସାମୁଦ୍ରିକ ନିଷିଦ୍ଧାଞ୍ଚଳରେ ବେଆଇନ ଭାବେ ମାଛ ଧରୁଥିବା ବାଲେଶ୍ୱର ଅଞ୍ଚଳର ଏକ ଟ୍ରଲରକୁ ଶୁକ୍ରବାର ବନବିଭାଗ ଟିମ୍ ଜବତ କରିଛି। ଏଥିରେ ଥିବା ୬ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇଛି। ଏହାଛଡା ଟ୍ରଲରରେ ଥିବା ୪ କୁଇଣ୍ଟାଲ ମାଛ, ୮ଟି ଜାଲ, ଗୋଟିଏ ଫିସ୍ ଫାଇଣ୍ଡର, ଗୋଟିଏ ଜିପିଏସ, ଗୋଟିଏ ଭିଏଚଏଫ ଜବତ କରାଯାଇଛି। ଗିରଫ ମତ୍ସ୍ୟଜୀବୀଙ୍କ ମଧ୍ୟରେ ବାଲେଶ୍ୱରର ଦୋଳଗୋବିନ୍ଦ ମଲିକ, ଜଗବନ୍ଧୁ ମଲିକ, ଦୈତାରୀ ମଲିକ , ସୋର ଅଞ୍ଚଳର ଜିତେନ୍ଦ୍ର ମଲିକ, ସନାତନ ମଲିକ, ସୁବାଷ ମଲିକଙ୍କୁ ଗିରଫ କରାଯାଇଛି। ଜବତ ହୋଇଥିବା ଟ୍ରଲରର ନାମ ମା' କନକଲକ୍ଷ୍ମୀ। ହୁକିଟୋଲା ଠାରୁ ୪ କି.ମି. ନିଷିଦ୍ଧାଞ୍ଚଳରେ ଏହି ଟ୍ରଲରଟି ମାଛ ଧରୁଥିଲା। ଗହୀରମଥା ଅତିରିକ୍ତ ବନ ସଂରକ୍ଷକ ଶ୍ରୀରାମପଦ ଅରବିନ୍ଦ ମିଶ୍ରଙ୍କ ନେତୃତ୍ୱରେ ବନବିଭାଗର ଏକ ଟିମ୍ ପାଟ୍ରୋଲିଂ କରୁଥିବା ବେଳେ ଏହି ଟ୍ରଲରକୁ ଜବତ କରିଥିଲେ।

■ ଖୁଣ୍ଟା ଜୁନିୟର ମହାବିଦ୍ୟାଳୟ

## ୨୦ ବର୍ଷ ପରେ କାମରେ ଯୋଗଦେଲେ ୭ କର୍ମଚାରୀ

ଖୁଣ୍ଟା , ୨୮।୧୨(ଡି.ଏନ.ଏ. )

ଖୁଣ୍ଟା ଜୁନିୟର ମହାବିଦ୍ୟାଳୟର ଦୀର୍ଘ ୨୦ ବର୍ଷ ଧରି ବହିଷ୍କୃତ ହୋଇଥିବା କର୍ମଚାରୀମାନେ ଶୁକ୍ରବାର ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ବଳରେ ମହାବିଦ୍ୟାଳୟରେ ପୁନର୍ବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। କର୍ମଚାରୀମାନେ ଶୁକ୍ରବାର ଖୁଣ୍ଟା ପୋଲିସ ସହାୟତାରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଗୋପବନ୍ଧୁନଗର ତହସିଲଦାର ଅନିତା ନାୟକଙ୍କ ଉପସ୍ଥିତିରେ କାର୍ଯ୍ୟରେ ଯୋଗ ଦେଇଛନ୍ତି । ୧୯୯୦ ମସିହାରେ ପ୍ରତିଷ୍ଠିତ ଖୁଣ୍ଟା ଜୁନିୟର ମହାବିଦ୍ୟାଳୟରେ ବହୁ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଥିଲା । ପରବର୍ତ୍ତୀ ସମୟରେ ନୂତନ କମିଟି ପୂର୍ବରୁ ନିଯୁକ୍ତ ୭ ଜଣଙ୍କୁ କାମ କରିବାକୁ ସୁଯୋଗ ଦେଇ ନ ଥିଲେ । ଏଥିରେ ଅତିଷ୍ଠ ହୋଇ ସମ୍ପୃକ୍ତ କର୍ମଚାରୀମାନେ ୧୯୯୯ ମସିହାରେ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେଇଥିଲେ । ଉଚ୍ଚନ୍ୟାୟାଳୟ ଏଥିରେ ପଦକ୍ଷେପ ପାଇଁ ଉଚ୍ଚଶିକ୍ଷା ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ଉକ୍ତ ମାମଲାର ଶୁଣାଣି କରି ୨୦୦୧ ମସିହାରେ ସମ୍ପୃକ୍ତ କର୍ମଚାରୀଙ୍କୁ ମହାବିଦ୍ୟାଳୟରେ ପୂର୍ବ ପଦବୀରେ ଅବସ୍ଥାପିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ମାତ୍ର ପରିଚାଳନା କମିଟି ଉକ୍ତ ନିର୍ଦ୍ଦେଶନାମା ବିରୋଧରେ ଉଚ୍ଚ ନ୍ୟାୟାଳୟରେ ଆବେଦନ କରିଥିଲେ । ଦୀର୍ଘ ବର୍ଷ ଧରି ଉକ୍ତ ମାମଲା ବିଚାରଧୀନ ଥିବାବେଳେ ଉଚ୍ଚ ଅଦାଲତ ପରିଚାଳନା କମିଟିର ଆବେଦନକୁ ଖାରଜ କରିବା ସହିତ ଉଚ୍ଚ ଶିକ୍ଷା ବିଭାଗ ନିର୍ଦ୍ଦେଶକଙ୍କ ରାଏକୁ କାଏମ ରଖିଥିଲେ । ସମ୍ପୃକ୍ତ କର୍ମଚାରୀମାନେ ହେଲେ ମୁଖ୍ୟ କିରାଣୀ ସୂର୍ଯ୍ୟ ନାରାୟଣ ସିଂବାବୁ , ଅଧାପିକା ନିବେଦିତା ବାରିକ , ପିଇଟି ରାଜକିଶୋର ଜେନା , ଲାଇବ୍ରେରିୟାନ ପାର୍ଥସାରଥୀ ପ୍ରଧାନ , ପିଅନ କାର୍ତ୍ତିକେଶ୍ୱର ମହାପାତ୍ର , ଯଦୁନାଥ ସରେନ , ବିରେନ୍ଦ୍ର ପଟ୍ଟନାୟକ। ତେବେ ପିଇଟି ରାଜକିଶୋର ଜେନା କାର୍ଯ୍ୟରେ ଯୋଗ ଦେଇ ନାହାନ୍ତି ।

## ୨୭ରେ କେନ୍ଦୁଝର ଜିଲା ଟ୍ରକ ମାଲିକ ନିର୍ବାଚନ

କେନ୍ଦୁଝର, ୨୮।୧୨ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ଟ୍ରକ ମାଲିକ ସଂଘ ନିର୍ବାଚନ ଆସନ୍ତା ଜାନୁୟାରୀ ୨୭ରେ ହେବ ବୋଲି ସଂଘର ଉପଦେଷ୍ଟା ମଣ୍ଡଳୀ ଲିଖିତ ଭାବେ ଜିଲାପାଳଙ୍କୁ ସୂଚିତ କରିଛନ୍ତି । ଏନେଇ ପ୍ରଶାସନ ସହାୟତା କରିବାକୁ କୁହାଯାଇଛି। ଦୀର୍ଘ ବର୍ଷ ଧରି ନିର୍ବାଚନ କରିବା ନେଇ ଦେଖାଦେଇ ଆସୁଥିବା ବିବାଦ ସମାଧାନ ହେବାକୁ ଯାଉଛି । ଏନେଇ କୌଣସି ମାମଲା ନ ଥିବା ବେଳେ ଆପୋସ ନିଷ୍ପତ୍ତି କ୍ରମେ ଏହି ନିର୍ବାଚନ କରିବାକୁ ନିଷ୍ପତ୍ତି ନିଆଯାଇଥିବା ଉପଦେଷ୍ଟା ମଣ୍ଡଳୀ ପ୍ରଶାସନଙ୍କୁ ଜଣାଇଛନ୍ତି। ଆସନ୍ତା ୨ ତାରିଖରେ ପ୍ରାଥମିକ ସଦସ୍ୟ ତାଲିକା ପ୍ରକାଶ ପାଇବ। ଏ ସଂକ୍ରାନ୍ତରେ ଅଭିଯୋଗ ଶୁଣାଣି ୫ ତାରିଖ ଅପରାହ୍ନରେ କରାଯାଇ ସନ୍ଧ୍ୟା ସୁଦ୍ଧା ଚୂଡାନ୍ତ ତାଲିକା ପ୍ରକାଶ ପାଇବ ବୋଲି ଜଣାପଡିଛି । ଜାନୁୟାରୀ ୬ରୁ ୮ ତାରିଖ ଅପରାହ୍ନ ୩ଟା ସୁଦ୍ଧା ପ୍ରାର୍ଥୀପତ୍ର ଦାଖଲ କରାଯାଇ ଜାନୁୟାରୀ ୮ ତାରିଖରେ ଯାଞ୍ଚ ଓ ପ୍ରାର୍ଥୀ ତାଲିକା ଘୋଷଣା ହେବ। ୧୨ ତାରିଖରେ ଅଭିଯୋଗ ଶୁଣାଣି ପରେ ୧୩ ତାରିଖରେ ଯୋଗ୍ୟ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ ହେବ ବୋଲି ଜଣାପଡିଛି। ୧୫ ତାରିଖ ସୁଦ୍ଧା ପ୍ରାର୍ଥୀପତ୍ର ପ୍ରତ୍ୟାହାର ପରେ ୧୬ ରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶିତ ହେବ ବୋଲି ଜଣାପଡିଛି । ଏହି ନିର୍ବାଚନ ସ୍ଥାନୀୟ ଏନଏସି ପୋଲିସ ହାଇସ୍କୁଲ ଓ ଆନନ୍ଦପୁର ସେଣ୍ଟ ଜାଭିୟର ହାଇସ୍କୁଲରେ ଆସନ୍ତା ୨୭ ତାରିଖ ସକାଳ ୮ ରୁ ଅପରାହ୍ନ ୪ଟା ମଧ୍ୟରେ ହେବ ବୋଲି ଜଣାପଡିଛି । ୨୮ ତାରିଖରେ ପୁରୁଣା ବଜାର ପୋଲିସ କଲ୍ୟାଣ ମଣ୍ଡପରେ ଭୋଟ ଗଣତି ହୋଇ ଫଳାଫଳ ଘୋଷଣା କରାଯିବ ।

## ବାହ୍ୟ ମଳତ୍ୟାଗ ମୁକ୍ତ ସହର ହେଲା ବାରିପଦା

ବାରିପଦା ଅଫିସ,୨୮।୧୨

ବାରିପଦା ପୌରପରିଷଦ ପକ୍ଷରୁ ବାରିପଦା ସହରକୁ ଶୁକ୍ରବାର ବାହ୍ୟ ମଳତ୍ୟାଗ ମୁକ୍ତ ସହର ଭାବେ ଘୋଷଣା କରାଯାଇଛି। ଏହି ଅବସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ସ୍ଥାନୀୟ ଶହୀଦ ସ୍ମୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବାରିପଦା ପୌରପରିଷଦ ଅଧ୍ୟକ୍ଷ ବବିତା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାନସଭା ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି ଯୋଗଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଜିଲାପାଳ ବିନିତ ଭରଦ୍ୱାଜ, ଉପଜିଲାପାଳ ଦିବ୍ୟଜ୍ୟୋତି ପରିଡା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ, ଉପନଗରପାଳ ଜିତେନ୍ଦ୍ର ମହାନ୍ତି ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ପୂରବୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥିମାନେ ଉପରୋକ୍ତ ଅତିଥିମାନେ ବାରିପଦା ସହରର ସମସ୍ତ ୱାର୍ଡକୁ ବାହ୍ୟ ମଳତ୍ୟାଗ ମୁକ୍ତ ଅଞ୍ଚଳ ଭାବେ ଘୋଷଣା କରିଥିଲେ। ଏହି କାର୍ଯ୍ୟକ୍ରମ ସ୍ୱଚ୍ଛ ଭାରତ ଅଭିଯାନ ମାଧ୍ୟମରେ ଆରମ୍ଭ କରାଯାଇଥିଲା। ଯାହାର ଉଦ୍ଦେଶ୍ୟ ସହରର ବସ୍ତି ବାସିନ୍ଦାମାନେ ଯେଉଁମାନେ ବାହାରକୁ ଶୌଚ ହେବା ପାଇଁ ଯାଉଥିଲେ ସେମାନଙ୍କୁ ସରକାରଙ୍କ ସହାୟତା ରାଶିରେ ବ୍ୟକ୍ତିଗତ ଭାବେ ପାଇଖାନା ନିର୍ମାଣ କରାଇ ବ୍ୟବହାର କରିବା ପାଇଁ ସଚେତନ କରାଯାଇଥିଲା। ଏହାର ପ୍ରତିଫଳନ ସ୍ୱରୂପ ସହରକୁ ବାହ୍ୟ ମଳତ୍ୟାଗ ମୁକ୍ତ ସହର ଭାବେ ଘୋଷଣା କରାଯାଇଛି ବୋଲି ପୌର ପରିଷଦ ନିର୍ବାହୀ ଅଧିକାରୀ ସରୋଜ କୁମାର ଦାସ ସୂଚନା ଦେଇଥିଲେ। ବାରିପଦା ପୌରପରିଷଦ ଦ୍ୱାରା ବାହ୍ୟ ମଳତ୍ୟାଗ କାର୍ଯ୍ୟକ୍ରମରେ ପ୍ରଥମ ପର୍ଯ୍ୟାୟରେ ୨୫୩୬ଜଣ ହିତାଧିକାରୀଙ୍କଠାରୁ ଦରଖାସ୍ତ ଗ୍ରହଣ କରାଯାଇଥିଲା। ସେମାନଙ୍କୁ ପାଇଖାନା ନିର୍ମାଣ ପାଇଁ ଅଗ୍ରିମ ୨ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ପରବର୍ତ୍ତୀ ସମୟରେ ପ୍ରତ୍ୟେକ ୱାର୍ଡରେ ଏହି ସଚେତନତା କାର୍ଯ୍ୟକ୍ରମ କରାଯାଇ ମୋଟ ୬୯୩୫ଟି ଫର୍ମ ସଂଗ୍ରହ କରାଯାଇଛି। ସେଥି ମଧ୍ୟରୁ ୨୯୭୬ଟି ପାଇଖାନା ନିର୍ମାଣ ସରିଛି। ସୂଚନା ଯୋଗ୍ୟଯେ, ପୂର୍ବରୁ ୨୦୧୮ମସିହା ମେ ମାସରେ ପ୍ରଥମେ ବାରିପଦା ପୌରପରିଷଦର କେବଳ ୪ ନମ୍ବର ୱାର୍ଡକୁ ସମ୍ପୂର୍ଣ୍ଣ ବାହ୍ୟ ମଳତ୍ୟାଗ ମୁକ୍ତ ୱାର୍ଡ ଭାବେ ଘୋଷଣା କରାଯାଇଥିଲା।


ଜିଲାପାଳ ବିନିତ ଭରଦ୍ୱାଜ ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି।

■ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ

## ୧୨୧ଟି ପ୍ରକଳ୍ପ ଲାଗି ୩କୋଟି ୧୭ଲକ୍ଷ ଟଙ୍କା ମଞ୍ଜୁର

ତେଲକୋଇ, ୨୮।୧୨(ଡି.ଏନ.ଏ.)

କେନ୍ଦୁଝର ଜିଲା ତେଲକୋଇ ମୁଖ୍ୟାଳୟ ବିଜୁ ପଟ୍ଟନାୟକ ଷ୍ଟାଡିୟମରେ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ କରାଯାଉଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ଭିଡିଓ କନଫରେନ୍ସିଂ ମାଧ୍ୟମରେ ତେଲକୋଇ ବ୍ଲକ ବିକାଶ ଉପରେ ସିଧାକଥା ହେବା ପାଇଁ ଉତ୍ସାହିତ ହୋଇ ଅଞ୍ଚଳର ୨୨ଟି ପଞ୍ଚାୟତର ୫ହଜାରରୁ ଉର୍ଦ୍ଧ୍ୱ ଲୋକ ସାମିଲ ହୋଇଥିଲେ । ଏହି କାର୍ଯ୍ୟକ୍ରମରେ ଗଣଶିକ୍ଷା ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର ସାମିଲ ହୋଇଥିବା ବେଳେ ବିଜେଡି ଜିଲା ସଭାପତି ଆଶିଷ ଚକ୍ରବର୍ତ୍ତୀ ସ୍ଥାନୀୟ ବିଧାୟକ ବେଦବ୍ୟାସ ନାଏକ, ପିଡି ନୃସିଂହ ଚରଣ ସ୍ୱାଇଁ, ବିଡିଓ ଦିଲୀପ କୁମାର ବାରା ସମେତ ସମସ୍ତ ବିଭାଗୀୟ ଅଧିକାରୀ ଅନ୍ତର୍ଭୁକ୍ତ ଥିଲେ। ତେଲକୋଇ ବ୍ଲକର ଉନ୍ନତି ପାଇଁ କନଫରେନ୍ସିଂ ଜରିଆରେ ଅଞ୍ଚଳବାସୀଙ୍କୁ ଶୁଭେଚ୍ଛା ଜଣାଇବା ସହିତ ୨୨ଟି ପଞ୍ଚାୟତ ପାଇଁ ୧୨୧ଟି ପ୍ରକଳ୍ପ ଯୋଜନାରେ ୩କୋଟି ୧୭ଲକ୍ଷ ଟଙ୍କାର ଅନୁମୋଦନ କରି ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

# ବଳାତ୍କାର ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ଭଦ୍ରକ ଅଫିସ, ୨୮।୧୨**

ଏକ ବଳାତ୍କାର ମାମଲାର ବିଚାର କରି ଭଦ୍ରକ ସ୍ୱତନ୍ତ୍ର ଟ୍ରାକ୍ କୋର୍ଟ ଜଜ୍ ଜନକ ରାଉତ ପ୍ରମାଣ ଅଭାବରୁ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ ଶୁଣାଣି କରିଛନ୍ତି। ଉଲ୍ଲେଖନୀୟ ଯେ, ୨୦୧୬ ନଭେମ୍ବର ୧ରେ ଧାମନଗର ଥାନା ଅଞ୍ଚଳରେ ଜଣେ ବିବାହିତା ମହିଳାଙ୍କୁ କରଦା ଗ୍ରାମର ଦୀପକ ଜେନା ବଳାତ୍କାର କରିଥିବା ନେଇ ଅଭିଯୋଗ ହୋଇଥିଲା। ମହିଳାଙ୍କ ସ୍ୱାମୀ ଗ୍ରାମବାସୀଙ୍କ ସହଯୋଗରେ ଦୀପକଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ପୀଡ଼ିତାଙ୍କ ଅଭିଯୋଗକୁ ଭିତ୍ତିକରି ଏ ନେଇ ଥାନାରେ ଏକ ମାମଲା(ନଂ.୧୯୨/୧୬) ରୁଜୁ ହୋଇ ଦୀପକଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ ହୋଇଥିଲା। ଭଦ୍ରକର ଆଇନଜୀବୀ ଗଦାଧର ବଳ, ରଶ୍ମିରଞ୍ଜନ ଦୀକ୍ଷିତ, ସଞ୍ଜୟ କୁମାର ମାଝୀ, ଜୟନ୍ତ କୁମାର ଭୋଇ ମାମଲା ପରିଚାଳନା କରିଥିଲେ।




# ଓଲଟିଲା ବସ୍: ୧୨ ଆହତ

**ବିଶୋଇ,୨୮।୧୨**

ବିଶୋଇ ଥାନା ଅନ୍ତର୍ଗତ ସ୍ଥାନୀୟ କଟାସ ଛକରେ ଶୁକ୍ରବାର ଏକ ଯାତ୍ରୀ ବାହୀ ବସ ଓଲଟି ୧୨ ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ ଗୁରୁତର ହୋଇଥିବା ବେଳେ ୧୦ ରୁ ଉର୍ଦ୍ଧ ଯାତ୍ରୀ ଆହତ ହୋଇଛନ୍ତି। । ବସ୍‌ରେ ସମୁଦାୟ ୪୦ ରୁ ଉର୍ଦ୍ଧ ଯାତ୍ରୀ ଥିଲେ। ଗୁରୁତରଦ୍ୱୟ ହେଲେ ରରୁଆଁ ଥାନା ଅନ୍ତର୍ଗତ କନିକା ଅଞ୍ଚଳର ଜହର ବାରିକ (୪୫) ଓ ପାଟଣାଗଡ଼ ସ୍ଥିତ ରାଜଶ୍ରୀ ମହାନ୍ତ। ସେମାନଙ୍କୁ ବାରିପଦାସ୍ଥିତ ପିଆରଏମ ମେଡିକାଲରେ ଭର୍ତ୍ତି କରାଯାଇଛି। ବିଶୋଇ ଓ ରାଇରଙ୍ଗପୁର ଦମକଳ ବାହିନୀର ମିଳିତ ସହଯୋଗରେ ଆହତ ଯାତ୍ରୀଙ୍କୁ ବିଶୋଇ ପ୍ରାଥମିକ ଚିକିତ୍ସାଳୟ ଭର୍ତ୍ତି କରାଯାଇଛି।

ସୂଚନାଯୋଗ୍ୟ ଯେ, ଅଗ୍ରୱାଲ (ଓଆର ୦୯ଏଲ ୪୦୨୫ ) ନାମକ ଯାତ୍ରୀବାହୀ ବସ୍ କଲିକତାରୁ ଦେବଗଡ଼ ଅଭିମୁଖେ ଯାଉଥିଲା। ଶୁକ୍ରବାର ଭୋରୁ ବିଶୋଇ ଥାନା ଅନ୍ତର୍ଗତ ୪୯ ନଂ ଜାତୀୟ ରାଜପଥ ନିକଟବର୍ତ୍ତୀ କଟାସ ଛକ ଠାରେ ବସ୍‌ଟି ଓଲଟି ପଡିଥିଲା। ଖବର ପାଇ ବିଶୋଇ ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏନେଇ ଏକ ମାମଲା (ନଂ ୮୯/୧୮) ରୁଜୁ ହୋଇଛି।

# ଟ୍ରେନ୍‌ରୁ ଖସି ପଡ଼ି ଯୁବକ ମୃତ

**ବାଲେଶ୍ୱର ଅଫିସ, ୨୮।୧୨**

ବାଲେଶ୍ୱର ରେଳଷ୍ଟେଶନର ୧ନଂ. ପ୍ଲାଟଫର୍ମର ଉତ୍ତରପଟେ ଗୁରୁବାର ହାୱଡ଼ା-ପୁରୀ ଧଉଳୀ ଏକ୍ସପ୍ରେସ୍‌ରୁ ଜଣେ ଯୁବକ ଖସିପଡ଼ି ମୃତ୍ୟୁବରଣ କରିଛନ୍ତି। ଏନେଇ ରେଳବାଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୧୧୧/୨୦୧୮) ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଥିଲା। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ସଦର ଥାନା ପରିଖି ଗ୍ରାମର ଗଣେଶ ଜେନା (୩୫) ଅନଲାଇନ୍‌ରେ ଅର୍ଡ଼ର ସପ୍ଲାଏ କରନ୍ତି। ଗତ ବୁଧବାର ରାତିରେ ସେ କଲିକତା ଯାଇଥିଲେ। ଶୁକ୍ରବାର ଧଉଳି ଏକ୍ସପ୍ରେସ୍‌ରେ ବାଲେଶ୍ୱର ଫେରିବା ବେଳେ ଟ୍ରେନ୍‌ରୁ ଖସି ପଡ଼ି ମୃତ୍ୟୁବରଣ କରିଥିବାର ଜଣାପଡ଼ିଛି।

# ଯୁବତୀଙ୍କୁ ବଳାତ୍କାର ମାମଲା: ଅଭିଯୁକ୍ତ ଗିରଫ

**ରୂପ୍‌ସା, ୨୮।୧୨(ଡି.ଏନ.ଏ.)**

ବାଲେଶ୍ୱର ସଦର ବ୍ଲକ ହଳଦୀପଦା ପଞ୍ଚାୟତ ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ବଳାତ୍କାର ଅଭିଯୋଗରେ ବସ୍ତା ଥାନା ଆଇଆଇସି ଧନେଶ୍ୱର ସାହୁ ଖଣ୍ଡାହାର ଗ୍ରାମର ଅଭିଯୁକ୍ତ ନରୋତ୍ତମ ସାହୁଙ୍କୁ ଶୁକ୍ରବାର ଗିରଫ କରିଛନ୍ତି। ସେ ଗତ ୨୫ତାରିଖରେ ଉକ୍ତ ଯୁବତୀଙ୍କୁ ବଳାତ୍କାର କରିବା ସହ ହତ୍ୟା ଧମକ ଦେଇଥିବା ଅଭିଯୋଗ ହୋଇଥିଲା। ଗତ ୨୬ ତାରିଖରେ ଥାନାରେ ଏକ ମାମଲା (ନଂ. ୩୨୮/୧୮) ରୁଜୁ ହୋଇଛି। ପୋଲିସ ଅଭିଯୁକ୍ତଙ୍କ ଘରେ ଅତର୍କିତ ଚଢ଼ାଉ କରି ଗିରଫ କରିବାରେ ସକ୍ଷମ ହୋଇଛି। ପୀଡିତା ଓ ଅଭିଯୁକ୍ତଙ୍କୁ ଡାକ୍ତରୀମାଇନା କରାଯାଇଛି।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ